କା ବ୍ୟ ନା ଟ କ—

ଚୌପଦୀମାଳା ।

(ପ୍ରଥମ ଭାଗ ।)

ଶ୍ରୀ ଭିକାରିଚରଣ ଦାସ କବିରତ୍ନଙ୍କ ଠାରୁ
ସଙ୍କଳିତ ହୋଇ
ଶ୍ରୀ ଅଭିନ୍ନଚନ୍ଦ୍ର ଦାନଙ୍କ ଦ୍ୱାରା

ପ୍ରଥମବାର ପ୍ରକାଶିତ ।

କଟକ, ଅରୁଣୋଦୟ ଯନ୍ତ୍ରାଳୟରେ ମୁଦ୍ରିତ ।

Printed by Nityananda Sahoo
at the Arunodaya Press
CUTTACK. 1928.

ମୂଲ୍ୟ ୪ • । ଚାରଅଣା ମାତ୍ର ।

Digitized by srujanika@gmail.com

ଭୂମିକା ।

ଆଜି କାଲି ଉତ୍କଳରେ ପାଲା, ଲୀଳା, ଦଣ୍ଡଯାତ୍ରା ଏବଂ ସୁଆଙ୍ଗ ପ୍ରଭୃତିର ବହୁଳ ପ୍ରଚାର । ସମ୍ପ୍ରତି ଶ୍ରୋତାମାନଙ୍କ ପରୀକ୍ଷାର ସମୟ, ପାଲା ଗାୟକ ଯେ ତହିଁଏ ଉତ୍ତୀର୍ଣ୍ଣ ହେବା ବଡ଼କଷ୍ଟକର, କାହିଁକି ନା ଗୋଟିଏ ୨ ପାଲିଗାୟକ ସଙ୍ଗେ ଜଣେ ୨ କବି ସମାନହେବା ସୁକଠିନ । ପୂର୍ବକାଳରେ ପାଲିଆଟି କହି ଦୁଇ ଚାରିଗୋଟା ସାଧାରଣ ଚୌପଦୀ ପଢୁଥିଲେ ଯଥେଷ୍ଟହେଉଥିଲା । ଏବେ ପ୍ରାଚୀନ କବିମାନଙ୍କର ରଚିତ କାବ୍ୟ ନାଟକ ତର୍କ, ନ୍ୟାୟ, ମୀମାଂସା ଛନ୍ଦ ପ୍ରଭୃତିର ଯଥେଷ୍ଟ ଆଲୋଚନା ଚାଲିଲାଣି । ତନ୍ମଧ୍ୟରୁ କାବ୍ୟନାଟକର ଗୀତର ଆସ୍ୱାଦ ଖୁବ୍ ବେଶି । ଯେଉଁ ଗାୟକ ନିକଟରେ କାବ୍ୟନାଟର ଗୀତ ନାହିଁ, ଦର୍ଶକମାନେ ତାକୁ ଗାୟକ ଶ୍ରେଣୀଭୁକ୍ତ କରୁ ନାହାନ୍ତି । ଏହି କାବ୍ୟନାଟକର ଗୀତ ଉତ୍କଳରେ ଜଣେ ଦୁଇଜଣ କବି ଲେଖି ପ୍ରଚାର କରିଥିଲେ, ତାହା ଅଳ୍ପ ସଭ୍ୟସମାଜର ଅନୁମୋଦିତ ହୋଇ ନାହିଁ କାରଣ ତହିଁରେ କେବଳ କାବ୍ୟନାଟକର ନାମବ୍ୟତୀତ ବିଷୟର ଅବତାରଣା ମୋଟେ ନାହିଁ କହିଲେ ଚଳେ । ଏ ଗୀତ ରଚନା ନିମନ୍ତେ ଅନେକ ଗାୟକ ମୋତେ ପ୍ରତ୍ୟକ୍ଷ ଓ ପତ୍ର ଦ୍ୱାରା ଅନୁରୋଧ କରିଥିଲେ । ଏହି ଦୁଇମାସ ମଧ୍ୟରେ ଛବିଶିଖଣ୍ଡ ପତ୍ର ମୋର ହସ୍ତଗତ ହୋଇ ଅଛି । ସେମାନଙ୍କ ମଧ୍ୟରୁ ଚାରିଜଣ ଗାୟକ ଯଥାକ୍ରମେ ଦୁଇ ତିନି ଚାରି ପାଞ୍ଚ ଟଙ୍କା ଲେଖାଏଁ ଅଗ୍ରିମ ପଠାଇଅଛନ୍ତି । ଏଣୁ ସେମାନଙ୍କର ଉତ୍ସାହରେ ଉତ୍ସାହିତ ହୋଇ କାଦମ୍ବରୀ କାବ୍ୟ ରଘୁବଂଶ; ଶକୁନ୍ତଳା ନାଟକ, ବିକ୍ରମୋର୍ବଶୀ ନାଟକ, ନୈଷଧ କାବ୍ୟ; ହଂସଦୂତ; କୁମାରସମ୍ଭବ ପ୍ରଭୃତିରୁ କେତେ ୨ ଗୀତ ପାଲି ଓ ଲୀଳାବାଲା ମାନଙ୍କର ପଠନୋପଯୋଗୀ ରୂପ ପ୍ରଣାଳୀରେ ଲେଖି କାବ୍ୟନାଟକ ଚୌପଦୀମାଳା ପ୍ରଥମଭାଗ ନାମକରଣ କଲି । ପ୍ରାର୍ଥୀଗାୟକମାନେ ଏକପ୍ରସ୍ଥ ଲେଖା

Digitized by srujanika@gmail.com

କପି ଭି, ପିରେ ପଠାଇବା ନିମନ୍ତେ ଲେଖିଅଛନ୍ତି । ସମସ୍ତଙ୍କ ନିକଟ ଏକ ୨ ପ୍ରସ୍ଥ ଲେଖା କପି ପଠାଇବା ବହୁତ ସମୟ ସାପେକ୍ଷ । ଯେଉଁ ଗ୍ରାହକଗଣ କେବଳ **ଅଡ଼ଭାନ୍ସ** ପଠାଇଥିଲେ ସେମାନଙ୍କ ପାଖକୁ ଲେଖା କପି ପଠାଇ ସାଧାରଣ ଗ୍ରାହକମାନେ ଯେପରି ସ୍ୱଳ୍ପ ମୂଲ୍ୟରେ ବିଶୁଦ୍ଧ କାବ୍ୟନାଟକ ଗୀତ ପାଇ ପାରିବେ ଏଣୁ ଅରୁଣୋଦୟ ଛାପାଖାନାରେ ଏହାର ସତ୍ତ୍ୱ ବିକ୍ରୟ କରିଦେଇ ଦ୍ୱିତୀୟ ଭାଗ ଲେଖାରେ ନିଯୁକ୍ତ ରହିଲି ଇତି ।

Digitized by srujanika@gmail.com

କାବ୍ୟନାଟକ ଚୌପଦୀମାଳା ।

(କାଦମ୍ବରୀ କାବ୍ୟ ।)

ଶ୍ଳୋକ ।

ଋଗ୍‌ବେଦଂ ସାମବେଦଂ ଗଣିତ ମଥ କଳାଂ ବୈଶିକୀଂ ହସ୍ତଶିକ୍ଷାଂ ।
ଜ୍ଞାତ୍ୱା ସର୍ବ ପ୍ରସାଦାତ୍ ବ୍ୟପଗତ ତମିରେ ଚକ୍ଷୁଷୀ ଚୋପଲଭ୍ୟ ॥
ରାଜାନାଂବୀକ୍ଷ୍ୟ ପୁତ୍ରଂ ପରମସମୁଦୟେନାଶ୍ୱମେଧେନଚେଷ୍ଟ୍ୱା ।
ଲବ୍‌ଧାଚାୟୁଃଶତାବ୍ଦଂଦଶଦିନସହିତଶୂଦ୍ରକୋଽଗ୍ନିଂପ୍ରବିଷ୍ଟଃ ॥

ଦ୍ୱିରଦେନ୍ଦ୍ର ଗତି ଶ୍ଚକୋରନେତ୍ରଃ
ପରିପୂର୍ଣ୍ଣେନ୍ଦୁମୁଖ ସୁବିଗ୍ରହଶ୍ଚ ।
ଦ୍ୱିଜମୁଖ୍ୟତମଃ କବିର୍ବଭୂବ,
ପ୍ରଥିତଃ ଶୂଦ୍ରକ ଇତ୍ୟଗାଧ ସତ୍ତ୍ୱଃ । ୦ ।

ଗୀତ ।

କାଦମ୍ବରୀ କାବ୍ୟ, ସ୍ୱାଦ ଭବ ଭବ୍ୟ,
ନବ୍ୟ ଗବ୍ୟ ଘୃତ ସମାନ ସୁରସ ।
ଚର୍ବ୍ୟ ଚୁଷ୍ୟ ଲେହ୍ୟ, ପେୟ ସମୁଦୟ,
ରହିଅଛି ବାଛି ସାଚ ଯେଣୁ ଅସ । ପଦ ।

ଗଦ୍ୟ ପଦ୍ୟ ସଦ୍ୟ, ସରବତ ନୈବେଦ୍ୟ, ଆଦ୍ୟ ବାଦ୍ୟ ବଜା ମୋଦକ ସରସ । ଖାଦ୍ୟ ରସିକର, ପାଦ୍ୟ ଲଭ୍ୟ ବର, ସର୍ବ କବିତାର ପୁଣି ଅବତଂଶ । ୧ । କାଳୀ ଭକତ କାଳି,—ଦାସ ତୁଳରୁ ବଳି, ବାଣଭଟ୍ଟ କବି କଳି ତୁଳି ବଳରେ ନ୍ୟାସ । କର ଆଲେଖ୍ୟ ଲେଖି ଭାରତେ ଛନ୍ଦ ରଖି, ଦେଖିବା ମନ ଥିଲେ ଥରେ ମୋ ସଙ୍ଗେ

Digitized by srujanika@gmail.com

ଅଥ । ୨ । ନେବ ଏହୁ ଦୁଃଖକୁ, ଦେବ ଅଣି ସୁଖକୁ, ଦେବ ସେବକ ପର ସେ ବନ୍ଦେ ଅହର୍ନିଶ । ଭାବ ଗୌରବ ଯେହ୍ନ, ଦ୍ରବବ ସୁଧା ତହ୍ନ, ଦ୍ରବୀଭୂତ ହୋଇବ ଶୁଣିଲେ ବାଳିଶ । ୩ । ଅସାର ହୋଇ ସାର, ସ୍ୱୀକାରିବ ଶିବର, ଉତ୍କାଳ ଦେବ ଘର ଯୋଡିବାପାଇଁ ବେଶ । ଧୀର ଗୀର ଅକାର, ମଧୁରୁ କୋମଳତର, ବାହାର ବହୁରବ ସନ୍ଦା କଣ୍ଠ-ଦେଶ । ୪ । ପରମାର୍ଥୀର ପର, ଭାବ ହେବ ଅପର, ତପର ପର-ଭାତ ହୃଦେ ହୋଇ ପ୍ରକାଶ । ପରଭୃତ ନବାତ, ମିଳିବାପାଇଁ ନିତ୍ୟ, ଏ ଗୀତକୁ ରଚିତ କରେ ଭିକାରିଦାସ । ୫ ।

ଦମ୍ଭହସ ନ ହୋଇ ଶୁଣ ସୁଧୀରେ ।
ଦରପଣ ସମାନ କାବ୍ୟ ଶୁଦ୍ଧିରେ । ପଦ ।

ରମ୍ୟ ବେଳବତୀ ନଦୀତଟେ ବିଦିଶା, ନଗର ସଗର କୀର୍ତ୍ତି ସମ ସୁରସା,
(ପଦ୍ଧ) ଅଗ୍ନୀଧୀନ ଯାହାର, ବହୁତ ନରବର,
ଯେ ବଦାନ୍ୟ ଶେଖର ଶୂଦ୍ରକ ବଜାଙ୍କର
ସୁବଜ ସିଂହାସନ ନବରତ୍ନେ ରୁଚିର
ଥିଲା ସେଠାରେ ଅଧିଷ୍ଠିତ ବିଧିରେ । ୧ ।

ଉଦଧି ମାଳମେଖଳା ଭୂମ୍ୟାଧିପତି, ପାକ ଶାସନ ସମ ଶାସନେ ରଜନ୍ତି,
(ପଦ୍ଧ) ପ୍ରତାପ ସ୍ନେହେ ନତ, ଶିର ସର୍ବସାମନ୍ତ
ଜେତା ମକରଧ୍ୱଜ, ମହାଦେବ ଯେମନ୍ତ,
ପିତା କେଶବ ପ୍ରାୟ, ଅରିଦମ ଯଥାର୍ଥ,
ସାର୍ବଭୌମ ରକ୍ଷାଦ୍ଧ କର ମଧ୍ୟରେ । ୨ ।

ଶକ୍ତ ଅପସ୍ୱକେଜସ୍ତୁଷ୍ଟି ଯେମନ୍ତ, ମୁଖ ଗୁରୁ ପର ରାଜହଂସ ସମସ୍ତ,
(ପଦ୍ଧ) ହେଲେ ବମାନୀ କୃତ, ଥିଲେ ଭଲେ ଯାବତ,

Digitized by srujanika@gmail.com

ତୁଲେ ରତ୍ନାକରର— ସନ ହେବେ ପ୍ରକୃତ,
ଫୁଲେ ସ୍ୱଜକୋଷର, କଳେବର ନିରତ,
ଖୁଲେ ରତ୍ନାଦ୍ଧ ଦୃଷ୍ଟି କନ୍ଧ କନ୍ଧରେ । ୩ ।
ମେରୁ ସମ ଦାନବୀର ସିକ୍ତ କରତେଣ, ଦୁରୁଦ୍ଧଗଜେ ତୁଳନା ହୁଏ ଈକ୍ଷଣେ
(ପଡ) ବାରୁମେଧ ଯେ ସ୍ୱଜ— ସୂର୍ଯ୍ୟର ଅନୁଷ୍ଠାତା,
ଗୁରୁ ସମ ଶାସ୍ତ୍ରର, ତତ୍ତ୍ୱେ ପାରଦର୍ଶୀତା,
ସ୍ୱରୁ ଗୀତାଦ୍ଧ ଚତୁଃ— ଷଷ୍ଠି କଳାରେ ଜିତା,
କାଚୁକୁଶଳ ଯୁତ ଶୌର୍ଯ୍ୟ ଅଦ୍ଧରେ । ୪ ।
ଚନ୍ଦ୍ର କ କାବ୍ୟାମୃତ ରସର ନିର୍ଝର, ମିତ୍ରଗଣ ପକ୍ଷ ଉଦୟ ଗିରବର,
(ପଡ଼) ପର ନୟନେ ଧୂମ— କେତୁ ଦ୍ୱିଗୀୟ ଯମ,
ଧୀରଙ୍କ ଅଗ୍ରଗଣ୍ୟ, ଚର ଯେ କଛି କର୍ମ,
ବ-ରପତ ସମାନେ, ଆନନ୍ଦ ଦାନେ ପୂର୍ଣ୍ଣ,
ଚରଚଲ୍ଲ ଭକାର ଜଛ ବୁଦ୍ଧିରେ । ୫ ।

ବସି କହିବ ନିଜମନେ ହେ । ବିଜ୍ଞଜନେ ।
ଭ୍ରଷିଲେ ଯେ ସ୍ୱଜାଗୁଣ ବେଶି ହୋଇବ ବଚନେ । ପଦ ।
ଏକ ବ୍ରହ୍ମମେ ଅହମି, ଟେକ ଯେ ଭୁବନ ଭୂମି ।
ଦକ୍ଷଯୁକ୍ତ କଲେ ଅତମନେ, ତାଙ୍କରେ ଶ୍ରୀଦେବ ବାସୁଦେବ ଯେସନେ
ଠିକରେ ନିପାଦେ ଆଚ୍ଛାଦିଲେ ତ୍ରିଭୁବନ ଧନେ । ୧ ।
ମନ୍ଦ ନୃପତି ମାନଙ୍କ, ମନ୍ଦର ବାଯେ କଳଙ୍କ ।
ଛନ୍ଦଥିଲ ଯାହା ଲକ୍ଷ୍ମୀଙ୍କୁ ଆନେ, ଭେଦି ଅସ୍ତ୍ରଧାର ଜଳେ ଧୋଇ ସଦନେ
ବନ୍ଦ ଚର ପ୍ରତିଷ୍ଠିତା କରିଲେ ତାଙ୍କୁ ସଦନେ । ୨ ।
ଭୁ-ପରେ ଯେ ଧର୍ମଧ୍ୱଜ, କୋପରେ ଅନ୍ତକ ଅର୍ଯ୍ୟ ।
ରୂପ ମନସିଜ ହାରମାନେ, ଲପନରେ ଶଶୀ ରସିଅଛି ଯତନେ ।
ଭୁଜ ତେଜରେ ସବତା ଅବିଭ୍ରିବ ପ୍ରତିଦିନ । ୩ ।

Digitized by srujanika@gmail.com

ଏକଛତ୍ର ଅଧୀଶ୍ୱର,   ଟେକ ଥିବାରୁ ନୃବର ।
ଦକ୍ଷିଣ ହେଲା ଧର୍ମମନେ, ଅଙ୍କ କେବଳ ରହେ କବିର କୃପାଣେ ।
ଦୁଷ୍ଟ ଅଶ୍ରୁପାତ ହତ ଜାତ ମାତ୍ର ଯଜ୍ଞଧୂମେ । ୪ ।
ବନ୍ଧୁ ବିଦ୍ୟାଭିର ନିତ୍ୟ,   ବନ୍ଧୁ ଥିଲେ ରାଜପୁତ୍ର ।
ମୋହୁଥିଲେ କବିତା ରଚନେ, ପାଢ଼ିଥିଲେ ପ୍ରଶଂସା ସେ ଢକ୍କ ବଦନେ
ଆତ୍ମିକ ସୌଭାଗ୍ୟ ବେଶି ରଚିତ କବି ରତନେ ।୫।

ତରୁଣ ଅରୁଣ-ରାଗେ ଏକଦିନ ରଞ୍ଜିତ ହୋଇଛି ବସୁଧା ସୁନ୍ଦରୀ ।
ବରୁଣପାଦ ହୋଇ ଅପରୂପ କୋଳେ ଧରିଅଛି ଲତାମନୋହାରୀ ।ପଦ।
ଏକାଳେ ନରେଶ,   ପକ୍କା ସୁରାଜ ବେଶ,
ପିନ୍ଧି, ବାନ୍ଧି ରତନ ମୁକୁଟ ଶିରେପରି ।
ସଭାଗୃହ ମଣ୍ଡନ,   ବେଦିରେ କଲେ ଘନ,
ଶୋଭିରେ ପାରିଷଦ ବୃନ୍ଦ ରହିଲେ ଘେରି । ୧ ।
କଳହଂସ ସଦୃଶ,   ଶୁକ୍ଳ ସରୁବାସ,
ତୁଳନା ରହିତ ଯେ ମେଳଅଙ୍ଗେ କରି ।
ପ୍ରତିହାରୀ ସତ୍ୱରେ,   ଅବନତ ଜାନୁରେ,
ଭକ୍ତି ରଖି ମନରେ ଜଣାଏଁ ନମସ୍କାରୀ । ୨ ।
ସୁର ଲୋକକୁ ଗତି,   କରନ୍ତେ ରାଜଲକ୍ଷ୍ମୀ,
ସୁରବର ଶାପରେ ଭୂପତି ତାପରି ।
ପର ଅଳକ୍ଷି ଧରି,   କରିଛି ଦ୍ୱାରି ଶିଷ୍ୟ
ପଗ୍ରିଲେ ଇଚ୍ଛାରେ ମୁଁ ମାତଙ୍ଗ କୁମାରୀ । ୩ ।
ପିଞ୍ଜରେ ଏକ ଶୁକ,   ଗୁଞ୍ଜରେ ନାନା ଶ୍ଳୋକ,
କୁଞ୍ଜରେ ଯଥା ସଞ୍ଜବେଳରେ ତା ନ ଧରି ।
ଆଣିଛି ସଙ୍ଗେ ତାର,   ଜାଣିବା ପାଇଁ ନର,
ବାଣୀରୁ ଜାଣିପାରେ ଗୁଣୀ ଦକ୍ଷିଣୀ ନାରୀ । ୪ ।

Digitized by srujanika@gmail.com

କୌତୁହଳେ ନୃପତି, ସଭ୍ୟର ଅନୁମତି,
ପ୍ରତିହାରୀଙ୍କ ଦେଲେ ଆଣ ନ କର ଡେରି ।
ପ୍ରବେଶିଲ ସଭାରେ, ଶିବେ ଶୁଭେ ବେଶରେ,
ସେ ମାତଙ୍ଗ କୁମାରୀ କହେ ଦାସ ଭିକାରି । ୫ ।

ସଭା ଶୋଭା ଦେଖି ଲୋଭା, ବେଶରେ ହେଲା ରୂପସୀ ।
କିବା ଏ ମଘବା ସଭା ଭୂତଳେ ପଡ଼ିଛି ଖସି । ପଦ ।
ଶୀଳା ଶଙ୍କର ବାସିତ, କୁଳାଚଳ ମଧ୍ୟସ୍ଥିତ
ଝଲାସ୍ୱର୍ଣ୍ଣ ମେରୁବତ ମହାରାଜା ଛନ୍ତି ବସି । ୧ ।
ଶଶିକାନ୍ତ ମଣିମୟ, ବସିବା ଆସନ କାୟ !
ବଶୀଭୂତ ଶୋଭାମୟ, ମନ ନେଇ ଯାଏ ଋଷି । ୨ ।
ଚନ୍ଦ୍ରଲ ମନେ ସ୍ମମତି, ପତି ପ୍ରେମେ ବଶ୍ୟମତୀ ।
ଛୁତିରେ ଧରେ ନୃପତି, ଗତି ମୋ ବୋଲି ଉକ୍ଷସି । ୩ ।
ଟେକରେ ରାଜାଙ୍କ ଦୃଷ୍ଟି, ଆକର୍ଷଣାର୍ଥେ ବମ୍ବୋଷ୍ଠୀ ।
ଦକ୍ଷ ମନ ମଧୁ କାନ୍ତି, ସଙ୍କେତ ଛଳେ ଉରସି । ୪ ।
କରଧୃତ ବେଣୁ ଦଣ୍ଡ, ସରଳ ନିର୍ମଳ ଖଣ୍ଡ ।
ଧୀରେ ସର୍ଜିଲା ପ୍ରଚଣ୍ଡ, ବାଜିଲା ବଳୟେ ମିଶି । ୫ ।
ଚକିତେ ଶୁହେଁ ନରେଶ, ଏକି କାମଜମ୍ଭ ଘୋଷ ।
ଲେଖିଲା ଭିକାରୀ ଦାସ, ବସି ତାର ଶୋଭାରାଶି । ୬ ।

ଭୂଲାରହିତ ଏହୁ ବାଳା ରତନ ।
ଗଳାମାଳା କାହାର ଅଟେ ନୂତନ । ପଦ
ଦଳା କଳା ବଳାହକ ଅମେଳା କେଶେ ।
କାଳୀ କାଳନ୍ଦୀ କାହ୍ନିଁକ ଯୋଡ଼ିବା ଲେଶେ ।

Digitized by srujanika@gmail.com

ବେଣି ଫଣୀ ସଦୃଶ, ମଣି ଭୂଷାବିଶେଷ,
ମଣି ନିଶାର ଯାହା-ଅର୍ଦ୍ଧ ହୋଇଛି ନ୍ୟାସ ।
ମଣିଲେ ସଜା ନାଳ— ମଣି ଦନ୍ତ ସରସ,
ଭଣି ସୁତ୍ତ କ ପାଦେ ଅଛି ପତ୍ତନ । ୧ ।

ପାଟଳୀ ପାଟଳ ଯିବ ଦୋଳକ ସ୍ଥିର ।
କଣ୍ଠିରେ ବଣ୍ଠିରେ ସମକଲେ ଲୁକାର ।
ଭାଲ ତୁଲ ଦୃଷ୍ଟାନ୍ତୁ, ଶଶୀ ନ ହେବ ଠିଆ ।
ମୂଲହିଁ ଏ ପରଶୁ, ଧରେ କୁନ୍ତ ବେଠିଆ ।
ଝୁଲଇ ମଣି ଯହିଁ ନକେ ବଢ଼ ଉଠିଆ ।
ଫୁଲ ପାର୍ଶ୍ୱରେ ରଖି ଦଶେ ଯତନ । ୨ ।

ଦୁଃଖହର ସୁଖଭର ତାମୁଖ ତୋର ।
ଲକ୍ଷକଲେ ମୋକ୍ଷହେବ ବିଲୋମକାର ।
ଠକାରତ ଠକାର, ଚକା ଦର୍ପଣ ସ୍ଥିର ।
ଦକାରେ ଶତପତ୍ର, ଅକାରେ ଜଳେ ଘର ।
ପକ୍କା ନୁହଇ ଭାବ, ମନ୍ଥଇ କରବର ।
ବଙ୍କା ତପନମୁଖୀ ଫୁଲ ପତନ । ୩ ।

ମୀନ ସ୍ଥାନ ହୋଇ ନେନେ ବନରେ ବୁଡେ ।
ସିନ୍ଦୁର ବିନ୍ଦୁ ଯା ଭାଲ-ପଟରେ ଜଡ଼େ ।
ହିଲ୍ଲୋଳନା ଭବାନୀ, ପର ସୁନ୍ଦରୀ ଧନ,
ସୁଲ୍ଲୋଚନା ବୋଲିବା, ତଳେ ନ ଥାଏ ହାନ,
ଅଲୋଚନା କରିବେ ଦେଖିଲେ କବି ଜ୍ଞାନୀ ।
ଭ୍ରୂରୁ ମଚ୍ଛୁଦ୍ୱାନର ଗୁପ ସମାନ । ୪ ।
ଯୋଷା ନାଶା କଷାଇବା ଯେବେ କ୍ଷୀରରେ ।
ଲୋକହସା ହେବା ବନ୍ଧ ବହେ ସେ ପୁରେ ।

Digitized by srujanika@gmail.com

ଭୁଷା ସିତାରୁ ବଳ, ମଧୁର ପିଏ ଢ଼ାଳ,
ଖସା ଚନ୍ଦ୍ର ଯା ଓଷ୍ଟେ ପୋଷା ଶବ୍ଧା ଭଳ,
ଢଷା ଶଙ୍ଖ କଣ୍ଠରେ, ବନ୍ଧ ବର୍ଣ୍ଣେ ମାଳ ।
ଖସାଇଛି କହଇ କବିରତନ । ୫ ।

ରମ୍ଭାତେଜରେ ଯିବ ହାରି ସେ । ଶମ୍ଭାଗୋଷ୍ଠୀ ।
ଦଳିତ ହରିତାଳର ଶୋଭାକୁ କରିଛି ଗୌର । ପଦ ।
ଉଦର ପଦ୍ମପତର, ଉଦକ ଯୁତ କୂପର,
ଗମ୍ଭୀରକୁ ନାଭିଅଛି ଧରି,
ଶୋଭିବ ସମାନ କଲେ କଳ ଭଉଁରୀ ।
କଟି ଦେଖି ହଟି ସିଂହ ସେବା କରିଛି ଗହ୍ୱରୀ । ୧ ।
କର କୋକନଦନାଳ, କରଜ ସୁଜାତ ଦଳ,
ଅଙ୍ଗୁଳି ଅଶୋକ କଳପର ।
ରମ୍ଭା ଲେଭୀ ହେବ ଦେଖି ଜଘନଶିରୀ ।
ରମ୍ଭାଦ୍ରୁମ ଉଲଟାଇ ଦେଇଅଛି କେବା ଢେ଼ରି । ୨ ।
ଚରଣ ସରଳ ବଂଶ, ଦଣ୍ଡରୁ ବଳି ସରସ,
ପାଦପଦ୍ମରେ ଉପମା ହାରି, ଗତିରେ କେବଳ ଯୁତ ହୋଇଛି କରି ।
କଚ୍ଛପ ପଛ ହୋଇବ ରାଜହଂସ ସେହିପରି । ୩ ।
ନବା ଅଧରେ ସମାନ, ନ ହୋଇ ପାରେ ପଲ୍ଲବ
ଯୁବା ମଧ୍ୟରେ ଏ ପୁରନ୍ଦରୀ, କିବା ଭୁବପରର ଅଟେ ମନୋହାରୀ ।
ଦ୍ରବାଇ ପାରେ ଏ ବର୍ଣ୍ଣ କହଇ ଦାସ ଭିକାରୀ । ୪ ।

ମହାରାଜାଙ୍କର ରଚନା ;

ଭବନ୍ତି ରଜନ ଏ ରମାରତନ କପୋତେ ହୋଇଲା ମାତଙ୍ଗକୁମାରୀ ।
ଅକାମ୍ଭ ସିଞ୍ଜିନୀ, ନୟନ ରଞ୍ଜିନୀ ବରହଗଞ୍ଜିନୀ ଅଳେଖ୍ୟରୂପରି । ପଦ ।

Digitized by srujanika@gmail.com

ଏକାଳେ ସୁନ୍ଦରୀ ନାମ ପୁରନ୍ଦରୀ,
ଶୁକର ପଞ୍ଜରୀ ଉତ୍ତୋଳନ କରି ।
ରାଜ ପୁରୋଭାଗେ, ସ୍ଥାପନ୍ତେ ସରାଗେ,
ବୋଲେ କର୍ଣ୍ଣଭୂଷା ହେଲା ନମସ୍କାରୀ । ୧ ।
ପ୍ରଗଲ୍ଭ ବଚନେ ସମ୍ଭାଷି ଯତନେ,
କହିଲା ହେ ଶାସ୍ତ୍ରଦର୍ଶୀ ଦଣ୍ଡଧାରୀ ।
ସଙ୍ଗୀତ କୁଶଳ କଳା ବିଦ୍ୟା କୁଳ,
ପଟୁ କଣ୍ଠବାଣୀ ବାଣ ଅଛି ବାରି । ୨ ।
ଏ ଶୁକ ମୋହର ପାଳିତ ସ୍ନେହର
ବୈଶମ୍ପାୟନ ନାମକୁ ଅଛି ଧରି ।
ଦେବ ଉପହାର ପାଦେ ଯୁଗ୍ମକର,
ଅସିଅଛି ଏ ସ୍ଥାନକୁ ତେଣୁକରି । ୩ ।
ଏକାଳେ ଚତୁର ଶେଖର ସେ କୀର
ହୋଇ ରାଜ ଅଭିମୁଖୀ ଝଟ କରି ।
ଅତି ସ୍ପଷ୍ଟ ଭାଷେ, ଆର୍ଯ୍ୟାଛନ୍ଦେ ରସେ
ପଢ଼େ ଜୟ ଶ୍ଳୋକ ମଧୁକଣ୍ଠେ ଭରି । ୪ ।
ବିସ୍ମୟେ ଆନନ୍ଦେ ରାଜା ମନ୍ତ୍ରି ମୋଦେ;
ସଚିବେ କହିଲେ ସ୍ୱର କି ମାଧୁରୀ ।
ଯଦି ଏହି କୀର ଅଟଇ ଏହାର,
ସାଧାରଣ ଜୀବ ନୁହେ ମନେ କରି । ୫ ।
କୁମାର ପାଳିତ ହେଉ କୀର ନିତ୍ୟ,
ଆଦେଶିଲେ ନରବର ହର୍ଷ କରି ।
କାଦମ୍ବରୀ କାବ୍ୟ ଏ ପ୍ରଥମ ସର୍ଗ
ଅନୁରାଗଭରେ କହଇ ଭିକାରୀ । ୬ ।

Digitized by srujanika@gmail.com

(ରଘୁବଂଶ କାବ୍ୟ ।)

ରଘୁବଂଶ ରସରେ ରସ ହେ, ବଙ୍କବଂଶ ।
ରଚନା କରବ ଗୀତ ହ୍ରତ ସର୍ଗ ଏକାଦଶ । ପଦ ।
ରକ୍ଷକୁଳ ଯଜ୍ଞଭଗ୍ନ, କରବାରୁ ପ୍ରତଦନ ।
ଋଷି କୁଶିକ ବଂଶାବତଂସ, ଉସାରେ ଯେ ବିଶ୍ୱାମିତ୍ର ନାମେ ପ୍ରକାଶ ।
ପ୍ରାର୍ଥୀହେଲେ ଦଶରଥ ପାଶେ ହୋଇ ଦରବେଶ । ୧ ।
ରମ୍ୟ ଶିଖଣ୍ଡ ଧାରକ, ଶ୍ରୀରାମଚନ୍ଦ୍ର ବାଳକ ।
ମୋ ସଙ୍ଗରେ ଦିଅ ହେ ନରେଶ, ରକ୍ଷିବେ ଯଜ୍ଞ ନାଶୁଅଛନ୍ତି ରାକ୍ଷସ ।
ତେଜସ୍ୱୀମାନଙ୍କର ଯେ ଅପେକ୍ଷା ନୁହେ ବୟସ । ୨ ।
ବିଦ୍ୱଜ୍ଜନ ସେବ ନୃପ, ପ୍ରବେଷ୍ଟି ଯଜ୍ଞାଦି ତପ ।
କରି ପାଇଥିଲେ ଗୃହଶିଷ୍ୟ, ରାମ ଲକ୍ଷ୍ମଣଙ୍କୁ ତହୁଁ ଦେଲେ ଆଦେଶ ।
ପ୍ରାଣ ପ୍ରାର୍ଥୀଙ୍କି ବଞ୍ଚିତ ନ କରନ୍ତି ସୂର୍ଯ୍ୟବଂଶ । ୩ ।
ପଥ ସଂସ୍କାର ନିମନ୍ତେ, ରାଜା ଆଦେଶ ଦିଅନ୍ତେ ।
ବାୟୁସଖା ଜଳଦ ସପୁଷ୍ପ, ବାରି ବର୍ଷି ତାହା କରିଦେଲା ବିଶେଷ ।
ଜନଙ୍କ ମନରଞ୍ଜନ ମାର୍ଗେ ନାହିଁ ମଳ କ୍ଳେଶ । ୪ ।
ପିତାଜ୍ଞା ପ୍ରତିପାଳନ, କରି ଧନୁର୍ଦ୍ଧାରୀ ରାମ ।
ସଲକ୍ଷ୍ମଣ ନମିଲେ ଅଶେଷ, ଅଶ୍ରୁ ବିସର୍ଜନ କଲେ କୌଶଲ୍ୟା ଈଶ ।
ବନସ୍ଥୀ କୁମାର ଦ୍ୱୟ ଆଜ କରିବେ ପ୍ରବାସ । ୫ ।
କୌଶିକ ସଙ୍ଗେ ଗମନ, କରନ୍ତେ ରାମ ଲକ୍ଷ୍ମଣ ।
ପୁରବାସୀ ହେଲେ ଅନିମିଷ, ଚକ୍ଷୁହେଲା ମାର୍ଗର ତୋରଣ ସଦୃଶ ।
ତାଙ୍କ ପାଦପଦ୍ମ ଧ୍ୟାୟି ଲେଖିଲା ଭିକାରି ଦାସ । ୬ ।

ଶୁଣ କୋଦଣ୍ଡ ଗଣ ସ୍ଥିର ଚିତ୍ତରେ ।
ପ୍ରାଣ ଗଲାବେଳେ ଆସିବ ହାତରେ । ପଦ ।
ମହର୍ଷି କେବଳ ରାମ ଲକ୍ଷ୍ମଣ ଦୁଇ, ଯାଇବାକୁ ପ୍ରାର୍ଥନା କରି-

Digitized by srujanika@gmail.com

ଥିଲେ ଯାଇ । ଏଣୁ ସେ ଦଶରଥ ସୈନ୍ୟ ସେନା ସାମନ୍ତ, କିଛି ନେଇ ନ ଥିଲେ ପୁତ୍ରଙ୍କର ସଙ୍ଗତ । କରିଣ ଥିଲେ ମୁଖେ ସୁଆଶୀର୍ବାଦ ମାତ୍ର । ରାମ ଲକ୍ଷ୍ମଣ ବେନି ରକ୍ଷଣେ ସେ ସମର୍ଥ । କିଛି ସନ୍ଦେହ ନାହିଁ ଏଥି ଭିତରେ । ୧ । ମାତୃଗଣଙ୍କ ଚରଣ ବନ୍ଦନା କରି, ଋଷିଙ୍କ ପଛେ ଗମିଲେ କୋଦଣ୍ଡଧାରୀ । ଚୈତ୍ର ବୈଶାଖ ମାସ ପରି ତେଜ ବିଶେଷ, ହେଲେ ରାମ ଲକ୍ଷ୍ମଣ ଦଶରଥଙ୍କ ଶିଷ୍ୟ । ମେଷାଦି ରାଶିରେ କି ସଂକ୍ରମଣ ପ୍ରବେଶ, ଦର୍ଶକ ଲୋକଙ୍କର ମନେ ଏହି ଅଭ୍ୟାସ । ବର୍ଷା- କାଳ ହୁଅଇ ଗ୍ରୀଷ୍ମ ହେତୁରେ । ୨ । ବର୍ଷାକାଳେ ବିନ୍ଧ୍ୟ ଉଦ୍ଧ୍ୟ ନଦର ଜଳ, କୂଳ ଭେଦନ ଯେପରି ହୁଏ ମଞ୍ଜୁଳ । ତଥା ରାମ ଲକ୍ଷ୍ମଣ ଗନ୍ତକାଳେ ଶୋଭନ, ତରଙ୍ଗ ଚଞ୍ଚଳିତ ବାହୁଦ୍ୱୟ ଗୃଳନ । ମଣିମନ୍ତ୍ର ପ୍ରସାଦେ ଚେଯ କରନ୍ତି ଗମନ । ବଳା ଅତି ବଳାର ବିଦ୍ୟା ବଳେ ଦୁର୍ଗମ । ପଥ କଷ୍ଟ ବୋଧ ନ ହୁଏ ଚିତ୍ତରେ । ୩ । ଜନନୀଙ୍କ ପାଖେ ଥିଲାପରି ଜାଣନ୍ତି, କୌଣସି ବିଷୟରେ ନ କରନ୍ତି ଭ୍ରାନ୍ତି । ପୂର୍ବବୃତ୍ତାନ୍ତାଦିଙ୍କ ପିତୃ ବନ୍ଧୁ ସବଙ୍କ, ବିଶ୍ୱାମିତ୍ରଙ୍କ ମୁଖେ ନାନା କଥା ପ୍ରସଙ୍ଗ । ଶୁଣି ତହିଁରେ ଥିଲା ଏପରି ମନୋଯୋଗ, ପଦ ବ୍ରଜେ ଗମନ କଲେହେଁ ଭ୍ରାତୃ ଯୁଗ । କ୍ଳେଶାନୁଭବ ନୁହେ ଅଣୁ- ମାତ୍ରରେ । ୪ । ସରୋବର ସକଳ ରସାଳ ଜଳରେ, ପକ୍ଷୀ ଶ୍ରୁତି ସୁଖକର କଳକଳରେ । ବାୟୁ ସୁଗନ୍ଧ ପୁଷ୍ପରେଣୁ ଦ୍ୱାରା ବିଶେଷ, ମେଘ ସମୂହ ଛାୟା ପ୍ରଦାନେ କଲେ ତୋଷ । ଏପରି ଯେ ଯାହାର ସେବାରେ ଅହର୍ନିଶ, ଲାଗିଲେ ରାମଚନ୍ଦ୍ର ଲକ୍ଷ୍ମଣେ ହୋଇ ବଶ । ଗୀତେ କହେ ଭିକାରି ଦାସ ହିତରେ । ୫ ।

ଶୁଣ ହେ ପଣ୍ଡିତେ;   ଗୁଣ ହୃଦଗତେ,

ଚାଣ ସଂସ୍କୃତ କବିତ୍ୱ ଏ ଅଟଇ ଜଗତେ । ପଦ ।

ବଣଚାରୀ ଋଷିଗଣ, ପ୍ରିୟ ଦର୍ଶନ ପ୍ରମାଣ, ରାମ ଲକ୍ଷ୍ମଣଙ୍କୁ ଦେଖି ।

Digitized by srujanika@gmail.com

ଯେପରି ହୋଇଛନ୍ତି ସୁଖୀ । ପଦ୍ମ ଶୋଭି ଜଳ ଶ୍ରମ ନାଶି ମୂଳ ।
ଦେଖି ଶାନ୍ତି ଲଭି ନ ଥିଲେ ସେ ଦିନେ ତେମନ୍ତେ । ୧ । ଧନୁ ଧରି
ରାମଚନ୍ଦ୍ର । ହର କୋପାନଳେ ଦଗ୍ଧ । ମଦନର ତପୋବନେ, ମିଳିଲେ
ଯାଇ ସୁମନେ । ମନୋହର ମୂର୍ତ୍ତି, ହେଲେ ତାହା ପ୍ରତି,—ନିଧି କନ୍ଦୁ
କାର୍ଯ୍ୟ ସମ ନ ହୋଇଲେ କାହିଁତେ । ୨ । ରାକ୍ଷସ ବେଶ ଧାରିଣୀ ।
କୁତ୍ସା ସୁକେତୁ ନନ୍ଦିନୀ । ତାଡ଼କା ରୁନ୍ଧିଣ ପଥ । ରହିଛି ଯେମନ୍ତେ
ପର୍ବତ । ବିଶ୍ୱାମିତ୍ରଙ୍କର, ତାରୁ ଧନୁର୍ଦ୍ଧର । ଜାଣି ଧନୁରେ ଗୁଣକୁ
ଚଢ଼ାଇଲେ ତୁରିତେ । ୩ । କୃଷ୍ଣପକ୍ଷ ରାତ୍ରି ପରି । କୃଷ୍ଣବର୍ଣ୍ଣା ସେ ଅସୁରୀ ।
ନର କପାଳ କୁଣ୍ଡଳା । ଧନୁର ଶବ୍ଦ ଶୁଣିଲା । ବଳାକା ଶୋଭିତ,
କାଳମେଘବତ । ଆବିର୍ଭୂତ ହେଲା ରାମଚନ୍ଦ୍ରଙ୍କର ପୁରତେ । ୪ ।
ତୀବ୍ର ବେଗରେ ପାର୍ଶ୍ୱସ୍ଥ । ବୃକ୍ଷ ସକଳ କମ୍ପିତ । ପଶୁ ପକ୍ଷି
ଇତସ୍ତତ । ପଳାନ୍ତି ହୋଇ ଆରତ ! ଶ୍ମଶାନ ଉତ୍ଥିତ, ଘୋର
ବାତ୍ୟାବତ; ଶ୍ରୀରାମଙ୍କୁ ଅଭିଭୂତ କଲା ଆସି ଚକିତେ । ୫ ।
ପୁରୁଷ ଅନ୍ତ୍ର ନିର୍ମିତ । ମେଖଳା କଟିରେ ଯୁକ୍ତ । ଯଷ୍ଟିଧାରିଣୀ ତାଡ଼କା
ଦେଖି ରାମ ଚେତନ ଦେଲା । ନାରୀ ହତ୍ୟା ଲାଗି । କାହିଁନାହିଁ ଜାଗି ।
ଶରସାରକୁ ସେ ତ୍ୟାଗ କରି ଦେଲେ ତୁରିତେ । ୬ । ଶିଳା ତୁଲ୍ୟ
ରାକ୍ଷସୀର । ବକ୍ଷେ ବିଦ୍ଧ ହେଲା ଶର । ଯମରାଜାଙ୍କ ପ୍ରବେଶ । ଦ୍ୱାର
ସେ ହେଲା ସରସ । ଭୂମିରେ ପଡ଼ିଲା । ଜୀବନ ହାରିଲା । ଭକାରି
ଚରଣ ଦାସ କହଇ ଏ ଚରିତେ । ୭ ।

ରାଗ—ଆଷାଢ଼ଶୁକ୍ଳ ।

ରାକ୍ଷସୀ ଯହୁଁ ଭୂମିରେ ପଡ଼ିଲା । ପର୍ବତ ବନ ଭୁବନ କମ୍ପିଲା ।
ତ୍ରିଭୁବନ ବିଜୟୀ ହେତୁ ସ୍ଥିର । ରାବଣ ବିଜୟୀ ଲକ୍ଷ୍ମୀ ଇନ୍ଦିରା ।
ଚଞ୍ଚଳା ହୋଇଲେ । ତାଡ଼କା ପତନ ଶବ୍ଦେ ପନ୍ଥଲେ ଯେ । ୧ ।
ଶ୍ରୀରାମ ରୂପ ମନମଥ ଶରେ । ଆହତ ହୋଇ ରାକ୍ଷସୀ ପୁଣ୍ୟରେ ।
ଶରୀରେ ଦୁର୍ଗନ୍ଧ ରକ୍ତ ଚନ୍ଦନ । ଲେପନ ପୂର୍ବକ ଯମ ସଦନ ।
ଗମନ କରିଲା । ପୂର୍ବ ପୁଣ୍ୟ ତାର ସର୍ବ ଦର୍ଶିଲା ଯେ । ୨ ।

Digitized by srujanika@gmail.com

ସୂର୍ଯ୍ୟଙ୍କଠାରୁ ସୂର୍ଯ୍ୟକାନ୍ତ ମଣି । କାଠଦାହକା ଶକ୍ତି ପାରେ ଅଣି ।
ଯଥା ବିଶ୍ୱାମିତ୍ର ଠାରୁ ତେମନ୍ତ । ରାକ୍ଷସ ନାଶାର୍ଥେ ଅବ୍ୟର୍ଥ ଅସ୍ତ୍ର ।
ପ୍ରୟୋଗର ମନ୍ତ୍ର । ଶ୍ରୀରାମଚନ୍ଦ୍ର ପାଇଲେ ସମସ୍ତ । ୩ ।
ସଭ୍ରାତ ରାମଚନ୍ଦ୍ର ଅନନ୍ତରେ । ଶ୍ରୁତ ପୂର୍ବ କୌଶିକଙ୍କ ମୁଖରେ ।
ଅତି ପବିତ୍ର ବାମନ ଆଶ୍ରମେ । ଗମନ କରି ନିଜ ପୂର୍ବଜନ୍ମେ ।
ଯେ କଥା ସମସ୍ତ । ସ୍ମୃତି ପଥେ ନ ପଡ଼ିଲା କିଞ୍ଚିତ । ୪ ।
ବିଶ୍ୱାମିତ୍ରଙ୍କ ଆଶ୍ରମେ ମିଳିଲେ । ପୂର୍ବରୁ ଶିଷ୍ୟମାନେ ଜାଣିଥିଲେ ।
ପୂଜା ଦ୍ରବ୍ୟ ସବୁ କରି ପ୍ରସ୍ତୁତ । ସତ୍କାର କରିଲେ ଯାହା ଉଚିତ ।
ସମ୍ବର୍ଦ୍ଧନା ଅର୍ଥେ । ବୃକ୍ଷେ ଅଞ୍ଜଳି ବଦ୍ଧ ପଦ୍ମ ହସ୍ତ । ୫ ।
ଦର୍ଶନ ଉନ୍ମୁଖ ମୃଗ ସକଳ । ଦଣ୍ଡାୟମାନ ହୋଇଣ ମଣ୍ଡଳ ।
କରଣ ଦ୍ୱାରି ଚନ୍ଦ୍ର, ସୂର୍ଯ୍ୟ ଦୁଇ । ଲୋକଙ୍କୁ ରଖନ୍ତି ଅନ୍ଧାର ଫେଇ ।
ଆଶ୍ରମେ ସଭ୍ରାତ । ରାମ ରଖିଲେ ଯେ ଯଜ୍ଞ ସାଧିତ । ୬ ।
ତୂଣୀରୁ ଶର କରିଣ ଗ୍ରହଣ । ଊର୍ଦ୍ଧ୍ୱମୁଖ ହୋଇଣ ରଘୁରାଣ ।
ଦେଖିଲେ ଆକାଶେ ଦେବତା ଦ୍ରୋହୀ । ରାକ୍ଷସେ ଭ୍ରମନ୍ତି ନିର୍ଭୟ ହୋଇ
ଗୃଧ୍ର ପକ୍ଷବାତେ । ଧ୍ୱଜ ପତାକା କମ୍ପେ ଅବିରତେ । ୭ ।
ମହାସର୍ପ ବିନାଶକ ଗରୁଡ଼ । ପାଣିଧଣ୍ଡୁକୁ ଦେଖି କରେ ତାଡ଼ ।
ତଥା ଅନ୍ୟାନ୍ୟ ରାକ୍ଷସେ ନ ଗୃହ୍ନି । ମାରୀଚ ସୁବାହୁରେ କ୍ରୋଧ ବନ୍ଧି ।
ପ୍ରହାରିଲେ ବାଣ   ଶୀତେ କମ୍ପଇ ଭିକାରି ଚରଣ । ୮ ।

ନବ୍ୟ ସାହିତ୍ୟ ସମାଜ ଅନୁମୋଦିତ ।
(ଶକୁନ୍ତଳା ନାଟକ ।)
କର୍ଣ୍ଣେ ଶୁଣ କବି କୋବିଦ ଏ, ସାଦପଦ ।
ଶକୁନ୍ତଳା ନାଟକ ଅଙ୍କ କହିଦେବ ହୃଦ । ପଦ ।
ମୃଗୟା ବିନୋଦେ ବନେ, ଦୁଷ୍ମନ୍ତ ରାଜା କାନନେ । ବିହାରି
କରନ୍ତି ଲଭି ମୋଦ, ରଥେ ଯୋଗୁ ହୋଇଛନ୍ତି ଅଶ୍ୱ ପ୍ରସିଦ୍ଧ । ମୃଗ

Digitized by srujanika@gmail.com

ଏକ ଦେଖାଦେଲା ଲତାଗୁଳ୍ମ କର ଭେଦ । ୧ । ଧନୁଶରଧାରୀ
ନୃପେ, ଦେଖିଣ ମୃଗ ପ୍ରତାପେ । ପଳାଇଲା କର୍ମିବାରୁ ହ୍ରଦ, ସାରଥି
ତା ଧଇଲ ରଥ ଗୁଢ଼ଲା ମଧ । ବନ୍ଧୁଦୂର ପରେ ମୃଗ ପାଖେ ମିଳିଲେ
ନରେନ୍ଦ୍ର । ୨ । ଧନୁରେ ବସାଇ ଶର, ଓଟାରନ୍ତେ ନରବର । ଏ
କାଳରେ ହେଲା ଏହି ଶବ୍ଦ, ମାରନା ଏ ମୃଗ ଋଷି ଆଶ୍ରମ ସିଦ୍ଧ ।
ଶବ୍ଦଲକ୍ଷେ ତଡ଼ି ଦୁଇ ଦେଖି ରାଜା ହେଲେ ସ୍ତବ୍ଧ । ୩ । ରଥପରୁ
ଓହ୍ଲାଇଲେ । ଋଷିଙ୍କି ପ୍ରଣାମକଲେ । ଆଶୀଷ ବୋଇଲେ ବେନସିଦ୍ଧ ।
ଆଶ୍ରମ ମୃଗ ଏ ନୃହେ ସ୍ୱାମୀଙ୍କ ବଧ । ତୁଳକୁଢ଼େ ବହ୍ନିପ୍ରାଏ ନ କରନ୍ତୁ
ଶରଭେଦ । ୪ । ବନସ୍ଥରେ ଦଣ୍ଡଧାରୀ । ପୁଣି ନମସ୍କାର କରି ।
ବୋଇଲେ କ୍ଷମ ମୋର ଅପ୍ରାଧ । ନ ଜାଣି ମୃଗପରେ ମୁଁ କରିଛି କ୍ରୋଧ ।
କହଇ ଭୂକାର ଦାସ ପୁରୁବଂଶେ ମୁଁ ନବୋଧ । ୫ ।

ରାଜାପ୍ରତି ତପସ୍ୱୀଦ୍ୱୟଙ୍କର ପ୍ରଶଂସା ।

ହୃଦେ ମୋଦଭରି ବେନି ତପସ୍ୱୀ ପ୍ରଶଂସିଲେ ସାଧୁ ହେ ନୃପକେଶରୀ ।
ସାଧୁ ପୁରୁବଂଶ ଭୂଷା ଅବତଂସ ଅଛ କୁଳ ଅନୁରୂପେ କାମକରି । ପଦ ।
ରାଜ ରାଜେଶ୍ୱର ପୁଣ୍ୟ ଲାଭକର ସକଳସଦ୍‌ଗୁଣ ଯେହୁ ଥିବ ଧରି ।
ଆଜ ଆମ୍ଭମାନ ଆନନ୍ଦେ ମଗନ ସ୍ୱାମୀଙ୍କର ଆଗମନ ଦେଖିକରି । ୧ ।
ଦେଖ ମହୋଦାର ମାଳିନୀ ନଦୀର ତଟେ କଣ୍ୱଙ୍କର ଆଶ୍ରମ ମାଧୁରୀ ।
ତୀର୍ଥାଟନେ ଯାଇଛନ୍ତି ସେ ଗୋସାଇଁ କୁଟିରେ ଅଛନ୍ତି ତାହାଙ୍କ କୁମାରୀ ॥
ସ୍ୱାମୀଙ୍କ ରାଜ୍ୟରେ ରହି ସ୍ୱଧର୍ମରେ ବାଧାବିଘ୍ନ କିଛି ନ ହୁଏ ତାଙ୍କର ।
ସ୍ୱାମୀଙ୍କ ମଙ୍ଗଳ ନିତ୍ୟ ସଂକାଳ ବିଧିଙ୍କ ପାଶରେ କରନ୍ତି ଗୁହାରି । ୩ ।
ଆଜ ଥିଲେ ସେହୁ ସ୍ୱାମୀ ଦେଖା ପାଇ ଆନନ୍ଦ ନଦରେ ଯାଆନ୍ତେ ପହଁରି ।
ଆହେ ମହାମନା ଆମ୍ଭର ପ୍ରାର୍ଥନା ବର୍ଦ୍ଧନକରନ୍ତୁ ଆଶ୍ରମର ଶିରୀ । ୪ ।
ଆଶ୍ରମେ ନ ଯିବେ ଯେବେ ବାହୁଡ଼ିବେ ତୀର୍ଥରୁ ଫେରିଣ ଆସେ ତପସ୍ୱିନୀ ।
ଶୁଣି ତିରସ୍କାର କହିବେ ଅପାର ଆମ୍ଭଙ୍କୁ ଗୀତରେ ଜନ୍ମିଲା ଭିକାରୀ । ୫ ।

Digitized by srujanika@gmail.com

ଋଷିଙ୍କ ଆଗ୍ରହ ବାଣୀ ସେ । ଶୁଣି ।
ଆଶ୍ରମ ଦର୍ଶନ କରିବାକୁ ମନ ବଳାଇଲେ ନୃପାଗ୍ରଣୀ ସେ । ପଦ ।
ତପୋବନ ମଧ୍ୟେ ମିଳଣ ସଞ୍ଚନ୍ଧ ଦେଖିଲେ ପ୍ରକୃତ ସଣୀ ।
ସାଜ ନବବେଶ କରୁଅଛି ତୋଷ ଦର୍ଶକ ନୟନଶ୍ରେଣି ସେ । ୧ ।
ମୁନି ସୁତଙ୍କର ହସ୍ତୁ କୁଶାଙ୍କୁର ଭକ୍ଷନ୍ତି ମୃଗ ମୃଗୁଣୀ ।
ଚନ୍ଦକଣ୍ଠ ଶୋଭି ଶୁକପକ୍ଷୀମାନେ ଉଡ଼ୁଛନ୍ତି ଶ୍ରେଣୀ ଶ୍ରେଣୀ ସେ ।୨।
କିଛିଦୂର ଯାଇ ବୀରବେଶ ଥୋଇ ସୁତକୁ ଦେଇ ମେଲାଣି ।
ବିନୀତ ବେଶରେ କୁଟିର ପଥରେ ଗତକଲେ ନରମଣି ସେ ।୩।
ଯେଉଁଦିଗେ ନେତ୍ର ହୁଅଇ ପତିତ ଫେରି ନ ଆସଇ ପୁଣି ।
ଏକେ୨ ଦୃଶ୍ୟ ନୃପମନ ତୋଷକର ନେଉଥାଏ ଟାଣି ସେ । ୪ ।
କୁଟିର ପାଖରେ ମିଳନ୍ତେ ସଦ୍ୱରେ ଶୁଣିଲେ ମଧୁରବାଣୀ ।
ପାଦପ ଉଢ଼ାଳେ ଗୁହ୍ନିଦେଲେ ଡୋଳେ ଦେଖି ତପୋନିଷ୍ଠ ରମଣୀ ସେ ॥
ଆନନ୍ଦ ପ୍ରତିମା ରୂପେ ମନୋରମା କିବା ରମା ଉମା ବାଣୀ ।
ଭକାର ଚରଣ କହେ ନରବଣ ଦେଖନ୍ତି ତାହାଙ୍କ ଠାଣି ସେ ।୫।

ବାମକକ୍ଷେ ଜଳକୁମ୍ଭ ଘେନିଣ ତିନି ସୁନ୍ଦରୀ ।
ତରୁଲତା ମୂଳେ ନେଇ ଢାଳନ୍ତି ନିର୍ମଳବାରି । ପଦ ।
ଦକ୍ଷିଣ ଭୁଜ ହଲାଇ, ଚାଲନ୍ତି ହୋଇ ଗେଲ୍ଲଇ ।
ଆଗ ପଛେ କେ ନ ଯାଇ ସ୍ନେହଭରେ ଶ୍ରେଣୀ ଧରି ।୧।
ପ୍ରେମାଳାପ କଉତୁକ, କରୁଅଛନ୍ତି ଅନେକ ।
ଦେହ ତେଜ ଚକଚକ ହରଦ୍ରାରୁ ବଳକରି । ୨ ।
କଥାବାର୍ତ୍ତାରୁ ତାଙ୍କର, ଜାଣିଗଲେ ନରବର ।
ଶକୁନ୍ତଳା ନାଏକର ତିନି ବ୍ରହ୍ମାଣ୍ଡସୁନ୍ଦରୀ । ୩ ।
ଅନସୂୟା ପ୍ରିୟମ୍ବଦା, ଏ ଦୁଇ ସଖୀ ପ୍ରମଦା ।
ଶକୁନ୍ତଳାରୂପେ ଶ୍ରଦ୍ଧା ବଳାଇଲେ ଦଣ୍ଡଧାରୀ ।୪।

Digitized by srujanika@gmail.com

କାର୍ଯ୍ୟରେ ନ କର ହେଳା, ଜଳ ଆଣେ ଶକୁନ୍ତଳା ।
ହେଳା ସଙ୍ଗିନୀରେ ଛଳା କହଇ ଦାସ ଭିକାରୀ । ୫ ।

(ଅଦ୍ୟପ୍ରାନ୍ତ କା ।)

କବି କୋବିଦେ ବସି ଭାବ ଏ ରସବାଣି ।
ହସି ହସାଇବ ଏ ଶକୁନ୍ତଳା ନାଟକ । ପଦ ।

କଳକଣ୍ଠ ଭାଷିଣୀ କଳ କୁମ୍ଭକୁ ଘେନି ମୂଳରେ ତରୁଙ୍କର ଢାଳୁ-ଅଛି ଉଦକ । କରେ ଭଙ୍ଗି ସଙ୍ଗିନୀ ଆଣତ ରସଦାନୀ ସାରଦେନ୍ଦୁକ ଶୋଭା ବାର ଅଛି ଯେତେକ । ୧ । କଷ୍ଟତ ବେଶିଦିନ ନ ରହିବ ଟେର ଧନ କରିବେ ପିତା ଅଳ୍ପଦିନରେ ବର ଠିକ । କରାଇବେ ବିବାହ ମିଶି ଋଷି ସମୂହ ଏଭାବ ନ ରହିବ ଆଉ ଦିନ ଅଧିକ । ୨ । କର୍ଣ୍ଣରେ ଶୁଣି କାହାଠାରୁ ରେ ହେମଦେହା କାର୍ଯ୍ୟ କରଣେ ମନ ହୋଇଅଛି ଉତ୍ସୁକ । କରୁଥିଲୁ ପୂର୍ବରୁ ଏପରି ରେ ରମ୍ଭୋରୁ ସତ ସେ ଆଜ କାର୍ଯ୍ୟେ ରହିଅଛି ରୂପକ । ୩ । କମନୀୟ ଲତାର ମଧ୍ୟରେ ପୁରୁବର ଲୁଚି ଶୁଣନ୍ତି ଏହି ସୁଧାବଚନ ଯାଙ୍କ । କରି ଦର୍ଶନ ଶୋଭା ହେଲେ ନୃପତି ଲୋଭା କହେ ଭିକାରି ଦାସ ପ୍ରଶଂସିଲେ ଅନେକ ହେ । ୪ ।

ରାଜାଙ୍କର ଭାବନା । ।

କେତେ ଦିନେ ବିହି ବିହିଛି ଏହାକୁ ଶୋଭା ସଂଗ୍ରହ କରି ।
କୁଞ୍ଚିତ କେଶରେ ସଞ୍ଚିତ କରିଛି କାଳିନ୍ଦୀର ଲହରୀ । ପଦ ।

ଚନ୍ଦ୍ରାକୃତି କାମ ହେମମୁକୁର । ଟେକାମୁଖେ ସମ ନୁହେ ସେ ଛୁର । କଜ୍ଜଳ ରଞ୍ଜନ ଉଜ୍ଜ୍ୱଳ ନୟନ ଖଞ୍ଜନ କାନ୍ତି ହରୁ । ୧ । ତିଳ ସୁମନକୁ ତୁଳ ନାଶାରେ କରେ କବି ମେଳ ହୋଇ ଭାଷାରେ । ଦରଳଭି ଦର-ଜଳେ କଳ୍ପ ଘର ନ ହୋଇ କଣ୍ଠ ସରି । ୨ । କାମବର୍ଣ୍ଣିକର ଯାଉଁନ ନଳୀ । ନାଶା ମୋ ନେନେ ଦିଶୁଛି ସେ ଭଳି । ବକ୍ଷୋଜ

Digitized by srujanika@gmail.com

ହ୍ରସ୍ୱମ୍ବ-ଗହ୍ଵିଲ୍ୟ କ ଶମ୍ଭୂ କର କହ୍ଲାର ପଦ୍ମ । ୩ । କଣ୍ଠୀରେ ହଟଯିବ ପଞ୍ଚାନନ । ସୃଷ୍ଟିମଧ୍ୟରେ ଏ ବାଳାରତନ । ପାଦେ ପଡ଼ ପଦ୍ମ, ହୋଇ ଅଛି ଶୁଦ୍ଧ ଗତ ମଜ୍ଜୁରସର । ୪ । ବନ ବନୋଦ୍ଧବା କନ୍ୟା ଏ ବାଳା । ରାଜକୁଳ ସିନ୍ଧୁ ଜାତ କମଳା । କଥାରୁ ପ୍ରକଟ ହେଉଛି ଝଟିତ ଭାବ କହେ ଭକ୍ତାଶ୍ରେ । ୫ ।

ବାହ୍ୟ ବନ୍ଧ ନାମ କନ୍ୟା ବହ୍ନିଲୁ ।
ଅଦ୍ଭୁତ କାର୍ଯ୍ୟ ନ କର ରହିଲୁ । ପଦ ।
ମନ କଠିନ ଅଟେ ତୋ ଅଧିକ ।
ବନରୁହନାଳେ ଦେଲୁ କଣ୍ଟକ ।
ଜହ୍ନମାମୁ ଅଙ୍ଗେ ଶଶକ ବସାଇ କେଉଁ ପରଶଂସା ପାଇଲୁ । ୧ ।
ଲୁଣିକଲୁ ସିନ୍ଧୁପାଣି ସରବ ।
ଫଣିମୁଣ୍ଡେ ମଣି ଦେଲୁ ଦଇବ ।
ବାଣୀସୁତ ଗୁଣିମାନଙ୍କୁ ତୁ ଯାହା ଧନହୀନରେ ପଡ଼ାଇଲୁ । ୨ ।
ଅରଣ୍ୟାରେ ଏହ୍ ବାଳାରତନ ।
କଳା ବଳାହକକେଶୀ ନୂତନ ।
ଦୋଳାପରେ ବସି ଖେଳା କରୁଥାନ୍ତା - କଳଯୀଭାର ବୁହାଇଲୁ । ୩ ।
ସ୍ୱଚ୍ଛ ଦେହେ ନାହିଁ ଖଣ୍ଡେ ବସନ ।
ଗଛବକଳ ହୋଇଛି ପିଧାନ ।
ନିଛନ୍ଦେହ ସତ କହେ କବରହ ଭଲର ତୁ ଶଲ୍ୟ ହୋଇଲୁ । ୪ ।

ଏହ୍ ପରି ଭାବନ୍ତ ନୃପ ମନରେ । ରହି ଲତାଅନ୍ତରାଳରେ ବନରେ । ପଦ ।

ଘନକୁନ୍ତଳା ସେ ସକୁନ୍ତଳା ଏକାଳେ, ବନ ନେଇ ନବମାଳକାମୂଳେ ଢ଼ାଳେ । ମଧୁକର ଗୋଟିଏ ଉଡଆସି ସନ୍ନରେ । ମଧୁପାନେ ବସିଲା

Digitized by srujanika@gmail.com

ସୁନ୍ଦରୀ ବଦନରେ । ବଧୂଲି ଅଧରୀ ତା ନିବାରନ୍ତି ହସ୍ତରେ । ବଧୂର ହୋଇ ପୁଣି ଅସି ବସେ ମୁଖରେ । ମୃଦୁସ୍ୱନ କରଇ କେବେ କର୍ଣ୍ଣରେ ॥ ଯେତେ ନିବାରନ୍ତି ତେତେ ଦାଉ ସେ ଦେଲା । ନିତାନ୍ତେ ଏକାଳେ ସୁନ୍ଦରୀ ଡାକିଲା । ଦେଖ ଦେଖ ଗୋ ସଖି ଦୁରାପଦ ଏ ପକ୍ଷୀ । ନଥିଲି ଫୁଲୁ ଅଧି ମୋତେ ନ ହୁଏ ରକ୍ଷି । ନଥିଲି ବୋଲି ମୋତେ ବଗ୍ଧର ଅଛି ଏକ । ପ୍ରିୟମ୍ବଦା ଏ ବାଣୀ ଶୁଣି ମିଳ ବୋଲେ କ । ଏତେ ସାହାଯ ମଧୁପର ବନରେ । ୨ । ଏତେ ଦୁର୍ଜନ ସେ ନାହିଁ ବବେକ ତାର । ଅମ୍ଭ ସଖୀରେ କରୁଛି ଅନାଧିକାର । ଦୁଷ୍ମନ୍ତଙ୍କ ପ୍ରତାପ ଶୁଣିନାହିଁ କି ସେହି । କାହାର ବଳାତ୍କାର ତାଙ୍କ ରାଜ୍ୟରେ ନାହିଁ । ନିଜନାମକୁ ଶୁଣି ହସ୍ତିନା ନୃପସାଇଁ । ସକୁନ୍ତଳାଙ୍କ ପାଶେ ପ୍ରବେଶ ହେଲେ ଯାଇ । ବୋଇଲେ ସୁବ୍ରୁଶୀଳେ ଭୟନା ଭୟ ନାହିଁ । କେଉଁ ଖଳ ଭୟହଏ ଏ ସ୍ଥାନରେ । ୩ । ପୌରବ ଭୂପତି ଥିଲେ ଡ଼ର କାହାକୁ । ଅବଳା ଅରକ୍ଷ ରକ୍ଷାକରି ତାହାଙ୍କୁ । ଗୁହିଁ ଦେଲା ସୁନ୍ଦରୀ ସମ୍ମୁଖରେ ତାହାର । ଅପୂର୍ବ ପୁଂସବର ଉତ୍ତ କି ଚମତ୍କାର । ଅଙ୍ଗବନ୍ତ କି ଅବା ଅନଙ୍ଗ ମହାବୀର । ଅଥବା ନରରୂପୀ ପରବ ସୁଧାକର । ନବଅବଭୁତି ଏ ମର୍ତ୍ତ୍ୟଧାମରେ ।୪। ତାଙ୍କ ମୁଖ ଗୁହିଁ ବାଳା ଲଜ୍ଜିତ ହେଲା । ଲଜ୍ଜକୁଳାରେ କିବା କା ହସ୍ତ ବାଜିଲା । କିଧକରିବ କିସ କହିବ ନୁହେ ଦୃଶ୍ୟ । ବିସ୍ମୟମେଘ ବ୍ୟାପେ ହୃଦଗଗନ ଦେଶ । ଲଜ୍ଜା ସହଚରୀଏ ସଜାଡ଼ିଲେ ତା ବେଶ । ଦେହ ବ୍ୟସ୍ତ ବଲ୍‌କଲ ସ୍ୱସ୍ଥାନେ କଲେ ନ୍ୟାସ । କହେ ଭିକାରି ଦାସ ସସମ୍ମାନରେ । ୫ ।

ଦୁଇସଖୀ । ଯୁବାମୂର୍ତ୍ତି ଦେଖି ହେଲେ ସୁଖୀ ।

ମନେ ମନେ ଭିବ ଅଚମ୍ଭିତ ହେଲେ ହସ୍ତିନା ନୃପ ଦୁଷ୍ମନ୍ତ ଏ କି । ପଦ ।

ମଧୁରେ ବୋଇଲେ ତପୋବନେ । ନାହିଁ କିଛି ଭୟ ଅମ୍ଭ ମନେ ।

ଉପଦ୍ରବ କରୁଥିଲା ମଧୁକର ଅମ୍ଭ ପ୍ରିୟସଖୀ ମୁଖ ଦେଖି । ୧ । ଅସ

Digitized by srujanika@gmail.com

ବସ ଏ ଚନ୍ଦ୍ରଶୋପଟଳେ । ଛାୟା ବମଣ୍ଡିତ ତରୁତଳେ । ଋଷିବାସ ଏହୁ କଛ ମିଳେ ନାହିଁ ଫଳମୂଳ ଖଣ୍ଡେ ଯାଅ ଖୁଣ୍ଟି । ୬ । ବଚି ନୃପତ ବୋଇଲେ ହସି । ତୁମ୍ଭ ବ୍ୟବହାର କଥା ଖୁସି । ତୁମ୍ଭେ ଷଣେ ହ୍ଥିରେ ବସିଲେ ଏଠାରେ ଶତଗୁଣରେ ମୁଁ ହେବ ସୁଖୀ ॥ ହସ୍ତଗୃଧି ଗୃପ-ବଳେ ତନ୍ଦ୍ର । ସଖୀଏ ବସିଲେ ହୋଇ ତୁନ । ମୁନକୁମାରୀଙ୍କି କୁଶଳ ବାରତା ପଚ୍ଛରଲେ ନୃପ ଛଳ ରଖି । ୪ । ସଖୀଏ ବୋଇଲେ ଭବ-ଧୀସ୍ୱ । କୃପାବଳେ ବନ ମୋଦମସ୍ୱ । ଭକାରି ଚରଣ ଦାସ କହେ ଶୁଣ ପଶୁପକ୍ଷୀ କେହୁ ନାହିଁ ଦୁଃଖୀ । ୫ ।

ପ୍ରିୟମ୍ବଦା ରାଜାଙ୍କ ପ୍ରତି ।

ଧୀର ମଣିବର ଅମ୍ଭ ବଯ୍ସଙ୍କର ମନୋରଥ ପୂର୍ଣ୍ଣକର ।
ଏ ପ୍ରାର୍ଥନା । ଅହେ ମହାଯଶା କେଉଁ ବଂଶ ଭୂଷା ।
ପ୍ରିୟମ୍ବଦା ହରଷେ ଭାସେ ସେ । ନୃପ ପାଶେ ।
ଅହେ ମହାଯଶା ଅନୁଗ୍ରହ କରହେଇ ଲେଶେ । ପଦ ।

ଧୀରମଣି କେଉଁବଂଶ, ପୁରୁଷର ଅବତଂସ । ଅନୁଗ୍ରହ କର ସହରଷେ, ଅପିଲ ଦୟର ଏହି ବନ ପ୍ରଦେଶେ । ଜାଣିବା ନିମନ୍ତେ ଗୁଣି ହେଉଛୁ ତନ୍ଦ୍ର ମାନସେ । ୧ । ଶୁଣି ବଚନ ଏରୂପ ପ୍ରଭାବାଣୀ ଦେଲେ ନୃପ । ଜନମ ମୋହର ପୁରୁବଂଶେ । ଦୁର୍ଦ୍ଦମ ଦମନ କାର୍ଯ୍ୟ ହୃଦରେ ବସେ । ପରଜା ରଞ୍ଜନ କୁଳ କର୍ମ ସୃଷ୍ଟ ନୃହେ ଲେଶେ । ୨ । ଆସି ମୃଗୟା ବିହାରେ, ପ୍ରବେଶି ତପୋବନରେ । ତୁମ୍ଭଙ୍କୁ ଦେଖିଲି ଭାଗ୍ୟବଶେ, ତପୋବନ ମଣ୍ଡନ କରଛ ବିଶେଷେ । ତପସ୍ୱିନୀ ବ୍ୟବହାର ମୋର ପଞ୍ଚମନ ତୋଷେ । ୩ । ବୟସ୍ୟ ଯେ କୌତୂହଳ । ମୋ ମନେ ହେଉଛି ମେଳ । ବ୍ରହ୍ମଗୃହୀତ କଣ୍ୱମହର୍ଷେ । କପର ପାଇଲେ ପୁତ୍ରୀ କେଉଁ ସକାଶେ । କହଇ ଭକାରି ଦାସ ସନ୍ଦେହ ଫେଡ଼ ରଭସେ ॥

Digitized by srujanika@gmail.com

କହେ ପ୍ରିୟମ୍ବଦା ଶୁଣ । ତହିଁର ଗୂଢ଼ କାରଣ ।
କଠୋର ତପସ୍ୟା କଲେ, କଉଶିକ ତପୋଧନ । ପଦ ।
ମଘବା ପାଇ ଭୟକୁ ପଠାଇଲେ ମେନକାକୁ
ତା ଶୋଭାରେ ବଶୀଭୂତ ହୋଇଣ ଋଷିପ୍ରଧାନ । ୧ ।
ତା କ୍ଷେତ୍ରେ ଅମୋଘ ତେଜ କ୍ଷେପିଲେ ସେ ଋଷିରାଜ,
ଶକୁନ୍ତଳା ରତ୍ନଲତା ତହୁଁ ହୋଇଲା ଉତ୍ପନ୍ନ । ୨ ।
ପିତା କଣ୍ୱଙ୍କ ଯତନେ ପ୍ରବର୍ଦ୍ଧିତ ହେଲା ବନେ,
ନବ କୁସୁମିତ ଅଙ୍ଗ ହରଇ ନିସ୍ପୃହ ମନ । ୩ ।
ହେଲେ ଅନୁରୂପ ପାତ୍ର ବାଳା ହେବ ସମର୍ପିତ,
ମହର୍ଷି ଇଚ୍ଛା ଏମନ୍ତ କହେ ଭକାର୍ ଚରଣ । ୪ ।

ରାଗ—ଆଷାଢ଼ଶୁକ୍ଳ ।

ପ୍ରିୟମ୍ବଦା ମୁଖୁ ଏ ବାଣୀ ଶୁଣି । ଭାବିଲେ ମନେ୨ ନରମଣି ।
ଅଗ୍ନି କଣା ବୋଲି ଯା ଭାବିଥିଲି । ଏ ଉଜ୍ଜ୍ୱଳରତ୍ନ ଏବେ ବୁଝିଲି ।
ସ୍ୱର୍ଗୀୟ ଲତାର । ନୂତନ ଫୁଲ ଏ କି ମନୋହର ଯେ । ୧ ।
ଶକୁନ୍ତଳା ରୂପେ ନୃପତ ଅକ୍ଷି । ବିଶେଷ ଭାବରେ ରହିଲା ଲକ୍ଷି ।
ନତ ମୁଖରେ ବସିଣ ସୁନ୍ଦରୀ । ଦେଖେ ନୃପତିଙ୍କ ଚରଣ ଶିରୀ ।
ହାବ ଭାବ ଲୀଳା । ସଖୀଙ୍କି ଛଳାଇ ଦେଖାଏ ବାଳା ଯେ ।୨।
ଲଜ୍ଜାବଶେ ତହୁଁ ନ ଯାଏ ଉଠି, ମଧ୍ୟେ ଥରେ୨ ଗୃହେଁ ବିମ୍ବୋଷ୍ଠୀ ।
ନୃପଙ୍କୁ ଜାଣି ନ ଜାଣିଲା ପରି, ଅନ୍ୟହରିକୁ ଦ୍ୟନ୍ତ ଦୃଷ୍ଟି କରି ।
ଏହି ଅବସରେ । ବାଳା ରାଜଶୋଭା ଦର୍ଶନ କରେ ଯେ । ୩ ।
ଥରେ ଥରେ ସ୍ମୃର ଚକ୍ଷୁ ମିଶିତ, ହେଲେ ବାଳା ହୁଏ ବେଶି ଲଜ୍ଜିତ ।
କେହି କାହାକୁ ଛାଡ଼ିଯିବା ପାଇଁ, ଲବମାତ୍ର ଇଚ୍ଛା କଲଇ ନାହିଁ ।
ହୃଦୟ କ୍ଷେତ୍ରରେ । ପ୍ରେମ ସୌଦାମିନୀ ଝଟକ କରେ ଯେ । ୪ ।
ଉଭୟେ ଉଭୟ ରୂପେ ଆବେଶ, ହେଲେ ମାନସ ବଢ଼ିଲା ବିଶେଷ ।

Digitized by srujanika@gmail.com

ଏକାଳେ ଶୀଘ୍ର ବଣ୍ୟ ହସ୍ତି ଭୟ, ବନେ ଚଞ୍ଚଳ ପଡ଼େ ଅନ୍ତଃଶୟ ।
ବାମାଏ କମ୍ପିଲେ । କହଇ ଭିକାରୀ ଦାସ ଶଙ୍କିଲେ ଯେ । ୫ ।

ମନକର୍ଣ୍ଣ ନିବେଶି ଶୁଣ ସଜ୍ଜନ, ଶକୁନ୍ତଳା ନାଟକ ଭାବ ଏସନ ।ପଦ। ମାତଙ୍ଗର ଉପଦ୍ରବ ଶୁଣି ନୃପତି, ଯିବାକୁ ଉଦ୍ୟତ ତହୁଁ ହେଲେ ତତ୍‌ପର, କିନ୍ତୁ ତରୁଣୀଙ୍କର ସଙ୍ଗ କରିବା ଦୂର । ମନରେ ଖେଦ ଜାତ ହେଉଥାଏ ବିସ୍ତର, ସଖୀମାନଙ୍କ ମୁଖ ଚାହିଁ ବୋଇଲେ ଗୀର । ଯାଉଛି ଦେଖିବ ଯେ କିପରି କଣ୍ୱବର, ଆସି ଋଷି ଆଶ୍ରମ କରେ ଭଞ୍ଜନ । ୧ । ସଖୀଏ ବୋଇଲେ ହେ ଅତିଥି ସତ୍କାର, କରି ନ ପାରି ମନରେ ଦୁଃଖ ଅପାର । ଯେବେ ପୁନ ଦର୍ଶନ-ନ ଦେବ ହେ ସଜନ, ଅମ୍ଭମାନଙ୍କ ମନେ ରହିବ ଦୁଃଖ ପୂର୍ଣ୍ଣ, ଭାଷନ୍ତି ମହୀପତି-ନ କହ ଏ ବଚନ । ନ ପାରିବି ମୁଁ ଭୁଲି ତୁମ୍ଭର ପ୍ରୀତି ପୂର୍ଣ୍ଣ, ଯାଉଅଛି ଏଠାରେ ରଖି ଜୀବନ । ୨ । ମିଥ୍ୟା ନୁହେ ସତ୍ୟ ତୁମ୍ଭ ବିଶ୍ୱାସ ଲାଗି, ଦେଖ' ଏହା ଦେଉଅଛି ଶୋଭାଙ୍ଗି । ଏପରି ସୁଧାଗିର କହିଣ ନରବର, ଅଙ୍ଗୁଳିରୁ ମୁଦ୍ରିକା-ଶୀଘ୍ର କରି ବାହାର, ଶକୁନ୍ତଳା ଅଙ୍ଗୁଳି ମଣ୍ଡିଲେ ମନୋହର । ପକାଉ ଥିବ ମନେ କହି ଗଲେ ସତ୍ୱର, ଟଙ୍କାରି ଧନୁ ପ୍ରବେଶିଲେ ଗଜ ପାଶର । ବାଳା ନାମ କରୁଛି ମନ ଭଜନ । ୩ । ସଖୀଏ ବାଳାର କରିଧରି ବହନ, ଦେଖିଲେ ମୁଦ୍ଦରେ ଦୁଷ୍ମନ୍ତ ତନବର୍ଣ୍ଣ । ମୁଖ ସେ ଚାହାଁଚାହିଁ ହୋଇଲେ ସଖୀ ଦୁଇ, ଶକୁନ୍ତଳାର ପ୍ରାଣ ଦେହେ ଅଛି କି ନାହିଁ । ନ ହୋଇଲା ବିଦିତ ଏପରି ହେଲେ ବାଇ, ନବୀନ ଭାବ ସ୍ରୋତେ ଭାସିଲେ ତନ୍ନ ସଖୀ । ହସି ହସି ସେ ସ୍ଥାନୁ କଲେ ଗମନ । ୪ । ସଖୀଙ୍କ ସଙ୍ଗରେ ଚାଲି ନ ପାରେ ବାଳା । ଚାଲୁ ଚାଲୁ ନୃପ ପ୍ରତି ଦୃଷ୍ଟି ରହିଲା । ପଚାରିବାରୁ ଆଳି ଦେଲା ଉତ୍ତର ବାଳୀ, କୁରୁବକ କଣ୍ଟା ମୋ ପାଦରେ ଗଲା ଗଳି । ଶ୍ରବଣେ ପ୍ରିୟମ୍ବଦା ହସ୍ତରେ ଦେଲା ତାଳି । ଯାହା କହିଲୁ ସତ ତହିଁରେ ନାହିଁ ମଳି,

Digitized by srujanika@gmail.com

କୁରୁବକ ଅର୍ଣ୍ଣତ କଲା ଭେଦନ । ୫ । ଏତେ କହି ଧସ୍ର ଧର କରଣ କଲେ, କୁଟୀର ମଧ୍ୟରେ ଯାଇ ପ୍ରବେଶ ହେଲେ । ବାଳା ନୟନେ ଧର କଲେ କୁରୁଶେଖର, ହୃଦରୁ ଲବମାତ୍ର ନ ହୋଇଲେ ଅନ୍ତର । ବାଳା ଜୀବନେ ଜନ୍ମ ହେଲା ପ୍ରଣୟାଙ୍କୁର, ପ୍ରଥମ ଅଙ୍କର ଏ ଅଟଇ ସମାଚାର, କହେ ଭିକାରି ଦାସ କବି ରତନ । ୬ ।

ଜନେ ଶୁଣ ହେ । ଶକୁନ୍ତଳା ଶୋଭାବଶି ଭାବନ୍ତି ସଜନ ।ପଦ।

ଏ କାଳରେ ମିଳେ ବିଦୂଷକ ଏକା ଦେଖି ସେ କୁରୁବଂଶିକ,
ଦେଖା ଶକୁନ୍ତଳା ଭାବ ଯାକ ।
ହେକା ହେକରେ ପ୍ରଶଂସା କରନ୍ତି ବହନ । ୧ ।

କି କହିବ ଅହେ ପ୍ରିୟବର ଲୋକ ଲୋଚନର ଅଗୋଚର,
ନାକ ନାରୀ ଶିରୀ କର ଦୂର ।
ଏକ ବାଳା ବନେ ଅଛି ଦେଲା ଦରଶନ । ୨ ।

ଲତାମୂଳେ ଢାଙ୍କି ଥିଲା ପାଣି ଲୂତା ଜାଲ ଭେଦ ଶୋଭାଶ୍ରେଣୀ,
ମୁଁ ତା ଦେଖି କାମେ ହେଲି ହାଣି ।
ପିତା ପିତା ହେବ ଭାଷୁଥିଲା ଯେ ବଚନ । ୩ ।

ଋଷି ବଲ୍କଳ ହେମ ଦେହରୁ ଖସିଯାଏ ବାହାର ଦାହରୁ,
ଆସିଲା ବେଳେ ମୁଁ ସେ ରମ୍ଭୋରୁ ।
ଭାଷିଥିଲା ଥରେ ଆସି ଦେବ ଦରଶନ । ୪ ।

ଯାହା ଭାଗ୍ୟେ ସେ ରତ୍ନ ମିଳିବ ତାହା ସମ କେ ତ୍ରିପୁରେ ହେବ,
ସାହାଯ୍ୟ କେ ଏ କାର୍ଯ୍ୟରେ ଦେବ ।
ବାହା ଶୋଭାଗାର ସଦା ଦେଖନ୍ତି ବଦନ । ୫ ।

ଏହିପରି କହନ୍ତେ ନରେଶ ମଣ୍ଡମଣ୍ଡନା ଭାବ ବିଶେଷ,
ସେହିକାଳେ ଦୁଇ ଋଷିଶିଷ୍ୟ ।
ଯାଇ ପ୍ରବେଶିଲେ କହେ ଭିକାରି ଚରଣ । ୬ ।

Digitized by srujanika@gmail.com

ଋଷିଶିଷ୍ୟ, ସ୍ତ୍ରୀଭାପ୍ରତି ।

ରାଜପୁତ୍ର ହୁଅନ୍ତୁ ଯେତେ ହେ । ନଙ୍ଗୀପତି ।

ଆଜ ପ୍ରଭୁଙ୍କୁ ଦେଖିବେ ଋଷିଏ ଇଚ୍ଛି ଅଛନ୍ତି । ପଦ ।

ଶୁଣୁଥାନ୍ତି ପ୍ରଭୁ ନାମ, ଶୁଣୁଥାନ୍ତି ହରିନାମ;
ଚାହିଁଥାନ୍ତି ରାଜପୁତ୍ରଙ୍କୁ ନିତ, ଗଣୁଥାନ୍ତି ବର୍ଷ ଶୁଭ ଦିବସ ଗତ ।
ପ୍ରଣୁଥାନ୍ତି ଭକ୍ତି ଦଣ୍ଡ ପ୍ରଭୁ ସଙ୍କେତ ଲଭି ଶାନ୍ତି । ୧ ।

ଏକା ଆଶ୍ରମକୁ ଯିବେ, ଦେଖା ଋଷିଙ୍କି କରିବେ;
ତେଣୁକାଶୃତ ଥିଲେ ଥିବ ସାଥି, ଦକା କଞ୍ଚନାହିଁ ନେବାପାଇଁ ପଦାତି ।
ହିକାର ଅସିଛୁ ଅମ୍ଭେ ଆଶ୍ରମେ ହେବ ଅତିଥି । ୨ ।

ଶୁଣି ବିଦୂଷ କହସି, ଭଣିଲ ହେ ନୃପଶଶି;
ଜାଣିଲଣି ଲଭି କଛି ଏଥି ଶୁଣି ହେଉଥିଲ ଯାହା ହୋଇବ ପ୍ରାପ୍ତି ।
ଏଣିକ ବିଲମ୍ବ କର ବଧେୟ୍ଯ କ କହେ ଶ୍ରୁତି । ୩ ।

ହସ୍ତ ଧନୁଶର ବନ୍ଧ, ରଥେ ବଜ ନୃପସାଇଁ;
ପଥେ ସାରଥି ଗୃଲେ ତଡ଼ିତ,ମାଥେ ସୂର୍ଯ୍ୟବେଳେ ହେଲେ ଆଶ୍ରମକତି ।
ଗୀତେ ଭିକାରୀ ଚରଣ ଦ୍ୱିଜପୁତ୍ର ଅଙ୍କ ବଦତି । ୪ ।

—≫○≪—

ଶ୍ରୀହର୍ଷକୃତ ନୈଷଧକାବ୍ୟ ।

ନବ୍ୟ ପ୍ରାଚୀନ ସ୍ତୁତି କାବ୍ୟ ନୈଷଧ ଶ୍ରୁତି ଶୁଣ ଭବ୍ୟ ସମାଜ ଆଜ-କରେ ପ୍ରକାଶ । ଗବ୍ୟଘୃତ ସମାନ ସୁରସ ଦ୍ରବ୍ୟପୂର୍ଣ୍ଣ ମନ ଆନନ୍ଦେ ଥରେ କର ପରମ ଗ୍ରାସ । ପଦ । ଶ୍ରୀହର୍ଷ ହର୍ଷଭରେ ଲେଖିଲେ ସର-ସରେ ବର୍ଣ୍ଣରେ ସାରଗର୍ଭ ପଦ କରଣ ନ୍ୟାସ । ଅଳଙ୍କାରେ ଦୂରତ ଅଳକା ପୁରୀବତ ନଳଙ୍କା ଲୋକ ଦେଖି ଦେଲେ ହେବ ସନ୍ତୋଷ ।୧ ବିଦର୍ଭ ଦେଶେଶ୍ୱର ଶୁଦ୍ଧ ସୂର୍ଯ୍ୟବଂଶର ନଳନାମ ଭୂପାଳ ମାଳର ଅବ-ତଂସ । ସର୍ବଗୁଣ ମଣ୍ଡିତ ଗର୍ବ ମନ୍ଦ ଖଣ୍ଡିତ ଅର୍ଥଶାସ୍ତ୍ର ପଣ୍ଡିତ ରୂପେ ହାରେ ରତିଶ ।୨। ପୁତ୍ର ସମାନ ପ୍ରଜା ପାଳନ୍ତି ମହାରାଜା ଷାରପଣରେ

Digitized by srujanika@gmail.com

ବାଜା ବଶେ ବାଜେ ବଶେଷ । ଏକଦା ମୃଗୟାର୍ଥେ ବଜେକଲେ ବନସ୍ତେ ଫେରନ୍ତେ ସରେ ଏକ ଦେଖିଲେ ରାଜହଂସ ।୩। ଅଷ୍ଟବନେ କ୍ଷୀର ଦଶନ୍ତେ ମନୋହର ଧରବାପାଇଁ ଦଣ୍ଡଧାରୀ କଲେ ମାନସ । ଧରୀ ନ ଦେଇ ହଂସ ଘରେ ଭ୍ରମେ ବଶେଷ ଅତ ଯତ୍ନରେ ତାକୁ ଧରଲେ ସେ ନରେଶ ।୪। ନର କରରେ ଶର ଦର୍ଶନେ ପକ୍ଷିବର ଦର ଲଭ ବସ୍ତ୍ରବ ମନ କର ନୀରସ । ବହ କ କଲା ଲୟ ହୋଇଣ ଅସହାୟ ମୁଖେ ଉଚାରେ ହାସ୍ୟ କହେ ଭକାର ଦାସ ।୫।

ଶ୍ଳୋକଃ ।

ହଂସ—ବଧାତା ପ୍ରତ ।

ମଦେକ ପୁତ୍ରଃ ଜନନୀ ଜରାତୁରା ନବପ୍ରସୂତା ବରଟା ତପସ୍ୱିନୀ ।
ଗତସ୍ତୁଯୋରେଷଜନ ବମର୍ଦ୍ଦନ ଅହୋବଧତ୍ୱଂ କରୁଣାରୁଣଦ୍ଧିନଃ ।୦।

ଗୀତ ।

ବହ କ ଦଣ୍ଡ ଦେଲୁ ମୋ ଭାଲରେ । ମହୀରେ ମୁଁ ପକ୍ଷୀ ନୁହଇ ଏକାକୀ କ ପାଇବୁ ମୁହିଁ ମଲେ ରେ । ପଦ । ମୋ ମାତାର ମୁଁ ଗୋଟିଏ ନନ୍ଦନ । ଧାନ ହରେ ଦେଖି ମୋର ବଦନ । ବଧିରେ ସେ ଜରା ଯଷ୍ଟିପରେ ଭର ଦେଇ ଉଠଇ ବସିଲେ ରେ ।୧। ଜୀବ ଈଶ୍ୱରୀ ମୋ ପତ ବରଟୀ । ନବ ପ୍ରସୂତ ହୋଇଛି ସୁମତ । ଜୀବନ ହାରବ ଲବ ନ ସହବ, ଶବ ମୋର ଭୂମିରେ ପଡଲେ ରେ ।୨। ଛୁଆ ସବୁ କୁଆ ଭୁଆ ହୋଇଣ । ମାଆ ନ ପାଇ ହାରବେ ପରାଣ । କୁଅଡ଼କୁ ଯିବ, କ ବୁଦ୍ଧି କରବ । କଆଁ ମୋତେ ପ୍ରଭୁ ଏହା ଦେଲେ ରେ ।୩। ତୁହ ଗତ ଏକା ଏହ ଦୁଃଖରେ । କେହ ନ ପଡ଼ୁଛି ମୋର ମୁଖରେ । ଏହ ମୋ ସୁହାଗ-କହଲ ଭକାର । ମୁହିଁ ବଷ ହୋଇବ କ ଥିଲେ ରେ । ୪ ।

ହଂସ—ନଳପ୍ରତି ।

ମହୀପତି ହେ । ରହିଅଛି ବିଶ୍ବେ ତବ ଅସୀମ କୀରତି । ପଦ ।
କହି ପାରିବ କି ପକ୍ଷି ଛାର,   ମହୀ ମଧ୍ୟେ ଅଦ୍ଵିତୀୟ ବୀର,
ବହିଯାଏ ଯଶ ପାରାବାର ।
ରହିଅଛି ଭଣ୍ଡାରରେ ଅଳକା ସମ୍ପତ୍ତି । ୧ ।
ଛାର ପକ୍ଷୀଠାରେ ଲୋଭାସକ୍ତ,   ନରପତି ଯାର କି ଉଚିତ,
ଯାର ହୃଦରାଜ ନୀତି ଯୁକ୍ତ ।
ତାର ଗୁଣ ଦେବଗଣ ପ୍ରଶଂସା କରନ୍ତି । ୨ ।
ନଳକୁଳ ମର୍ଯ୍ୟାଦା ରକ୍ଷକ,   ଜଳଚରେ କହନ୍ତି ଏ ବାକ୍ୟ,
ବଳ ନାହିଁ ମୁଁ ଅଟେ ନିରକ୍ଷ ।
ଜଳଜ ମୂଳପଲ୍ଲବ ଖାଇ ଧରେ ଧୃତି । ୩ ।
ଶୁଣି ଏ ବାଣୀ ହଂସର ନଳ,   ପାଣି ଭରି ନୟନ ଯୁଗଳ,
ଭଣିଲେ ମାନସରକୁ ଚଳ ।
ଭଣଇ ଭିକାରି ଚରଣ ରଚିଲା ଏ ଗୀତି । ୪ ।

ଦ୍ଵିତୀୟ ସର୍ଗ ।

ନଳପ୍ରତି ହଂସ ।

ଶ୍ଳୋକ ।

ଭବତା ନ ବିଗୃହ ଗୁରୁଚେତତଦପି ଶ୍ରବ୍ୟ ମିଦ ମୁଦୀରିତଂ,
ଖଗବାପିଯୁମିତ୍ୟତୋଽପ୍ୟକଂ ନ ମୁଦଂ ଧାସ୍ୟତି କୀର ଗୀରିବଃ । ୦ ।

ଗୀତ ।

ଭାଷେ କଳହଂସ ହେ ନଳ ନରେଶ ଜଳବିହାର ମୁଁ ନାହିଁ ଜ୍ଞାନ ଲେଶ । ତୁମ୍ଭେ ଧୀରବର ନହଇ ମୁଁ କୀର ଭାଷିବ ଯେ ଗୀର ହେବାକୁ ବିଶ୍ୱାସ । ପଦ । କେବଳ ଏତିକ କହେ ନୃପତିଙ୍କ ଆ ଶିବେ

Digitized by srujanika@gmail.com

ମଣ୍ଡିକେ ଯେଣୁ ପାଦେ ଦାସ । ଆଜ ଯାହା ମୋତେ ଦୟାକଲ ତତେ ତୋଷିବ କି କରେ ଗୁରୁଙ୍କ ମାନସ । ୧ । ଭୀମସେନ ରାଜା ନାମେ ବାଜେ ବାଜା ଯମ ଏ ଭୁବନ୍ତ ଦେଖି ବାମବଂଶ । କାମନା ପୂରଣେ ରାମନାମ ମନେ ଜପନ୍ତର ତପ କଲେ ସେ ବିଶେଷ । ୨ । ଲଭିଲେ କୁମାରୀ ଅତି ସୁକୁମାରୀ କରାଇ ସୁମାର ବିଶ୍ବନାରୀ ବଂଶ । ଶିରୀ ହର ଆଣି ଗଢ଼ିଲା ବିଧାଣି-ସର ନ ହୋଇବେ ଅପସରୀ ଲେଶ । ୩ । ବିଶୁଦ୍ଧ ସ୍ବର୍ଣ୍ଣ ପୋଢ଼ ଆସୁ ଜଳରେ ଛୁଡ଼ ଅଂଶୁ ଉଠାଇ ରସାଣିଲେ ଯେ ସରସ । ବଳ ବାଳର କାନ୍ତି ଦମୟନ୍ତୀ ସୁମତ ନାମ ବୋଲି ଡାକନ୍ତି କହେ ଭିକାରୀ ଦାସ । ୪ ।

ଶ୍ଲୋକ ।

ହୃତସାରମିବେନ୍ଦୁମଣ୍ଡଳଂ ଦମୟନ୍ତୀ ବଦନାୟ ବେଧସା ।
କୃତ ମଧ୍ୟବିଲଂ ବିଲୋକ୍ୟତେ ଧୃତଗମ୍ଭୀର ଖନି ଖନୀଲିମଂ ।୦

ଗୀତ ।

କି ବର୍ଣ୍ଣିବି ମୁଁ ଦମୟନ୍ତୀ ସୁନ୍ଦର । ସମ୍ବର ପୋତ ଅଟନ୍ତି ବନ୍ଦର । ପଦ । ତାର ପତ୍ତସାର ଶୋଭା ହରଣ କର । ତାର ମୁଖ ନିର୍ମାଣିଲା ବଦନ ଗୁରୁ । ସୁଧାକରଙ୍କ ଅଙ୍ଗେ; ଅଧା ଯେ ଚନ୍ଦ୍ର କଳା । ବୁଦ୍ଧା ବୁଧଙ୍କ ତର୍କ, ଏ ଏକ ଗର୍ତ୍ତଖୋଳା । ସୁଧା ଏକଜ ହୋଇ, ଓଷ୍ଠେ ଅଛନ୍ତି ବୋଲା । ଯୁଦ୍ଧା ଜାଉଁଳ ନଳ ଭଳ ନାସା ମଞ୍ଜୁଳା । ବନ୍ଧା ଏଣିକ ଜଣେ ନେଜ ବାଦର । ୧ । ଭ୍ରୂଲତାରେ ଭୁଲ ହେବ ମଦନ ରୂପ, ଭାଲକୁ ନ ଭୁଲ ଖଣ୍ଡ ଚନ୍ଦ୍ର ସ୍ବରୂପ, ତେଲ ବିହୀନ କେଶ, କଳା ଅଟେ ବିଶେଷ । ଫୁଲ ନ ଖୋଷିଲେହେ, ଗନ୍ଧ ଉଠେ ବାସ । ଫୁଲ ପାଟଳ ପର, ବେନି ଶ୍ରବଣ ଦୃଶ୍ୟ, ବେଲଫଳ ଉରଜ ସ୍ବର୍ଣ୍ଣ ମନ୍ଦର । ୨ । ବୀଣାପାଣି ବୀଣା ଊଣାହେବ ଭାଷରେ । ଛଣା ସୁଧାପଣା ଗଣା ନୁହେ ହାସରେ, ଠଣା ବଚନରେ ହର, କଳ୍ପ

Digitized by srujanika@gmail.com

କଣ୍ଟକି ତର । ହଣା ଶକଟ ତୁମ୍ଭ, ନତଚେ୍ମ ନୁହେ ସର, ଖଣାଉଚ୍ଛିତ ବମ୍ଭା, ଉରୁରେ ଯିବ ହାର, କଣା ଯିବ ଝଦ୍ୟାରେ ରହିବେ ଅପ- ସର, ଜଣା ପଡ଼ଇ ପଦ୍ମ ସମ ପାଦର । ୩ । କସି କୋକନଦ ଅଙ୍ଗୁଳ ଟମ୍ପାକଳ, ବର ନ ମିଳଇ ଝଶ୍ଚେ ସୁନ୍ଦରି ଛଳ । କରମାଳ କଂଶର, ଭୂଷଣ ଏକା ବାଳା, ଧୀରବର ତୁମ୍ଭଙ୍କୁ ଦେଖି ଅର୍ପିବ ମାଳା, ମୋର ସ୍ୱନେବ ଦେଖା ନୁହେ କଲ୍ପନା କଳା, କର ମନୋଜବେଶ ଷଣେ ନ କର ହେଳା, ଶାରରନ୍ଦ, ତୁମ୍ଭେ ରଜିକ ମଧର । ୪ । ତା ବଷକୁ ତୁମ୍ଭ ବଷ ଏକା ସମାନ, ନବସପ୍ତ ବୟୁସୀ ସେ ନାରୀରତନ । ଯିବ ତାର ପାଶକୁ, ଅଜ୍ଞା ଦଅ ଦାସକୁ, ତବ ସୁଗୁଣାବଳ ଶୁଣାଇ ନାରୀଶକୁ । ଭିବ ଜଳରେ ସିକ୍ତ, କର ହୃଦ ଦେଶକୁ, ନବ- ପରଣସ୍ତରେ, ଅଣାଇବ ବେଶ୍ମକୁ । କହେ ଭକାରୀ ଦାସ ନୁହେ ହୃନର । ୫ ।

ହଂସପ୍ରତି ନଳ ।

କାଞ୍ଚନ ପକ୍ଷୀ ପାଖ ମନରେ କର ଯାହା କହିଲ ।

ଅଙ୍ଗ ନ ରଖି ପାଞ୍ଚ ଶର ରସରେ ହୃଦ ଦହିଲ । ପଦ ।

ବାଳାରତନ ନାମ କେବଳ । ଗଳା ମଧରେ କରୁ ମୁଁ ମାଳ ।

କାଳକ ଜପି ହୋଇବ ତପୀ । ତୁମ୍ଭେ ଗୁଳକ ହେଲ । ୧ ।

ତାର ପତର ଶୀତଳ କରୁ । ଶର ସମାନ ହୁଏ ଏଥର ।

ବର ବରନା ମୋର ଭାବନା । ହୃଦେ ଯା ଆଣି ଦେଲ । ୨ ।

ଯେବେ କରୁଣା କରିବ ମୋତେ । ତେବେ ବଞ୍ଚିବ ମୁଁ ଚନାକେତେ

ଭିବ ମନରେ ନ ଥିଲା ଯା ବାରେ । କର୍ଣ୍ଣେ ତା ଶୁଣାଇଲ । ୩ ।

ନଳ ବଚନ ଶୁଣି ସାରସ । ଭଷେ ଆଅ ମୁଁ ଗଲ୍ ନରେଶ ।

କହେ ଭକାରୀ ଲଭିବ ଗୋର ମନ କର ପ୍ରଫୁଲ୍ଲ । ୪ ।

—ଃ୦✦୦ଃ—

Digitized by srujanika@gmail.com

ରାଗ—ଆଷାଢ଼ଶୁକ୍ଳ ।

ନଳପାଶରୁ ଛଡ଼ା ହୋଇ ହଂସ । କଳ କଳ କରି ମଙ୍ଗଳ ଘୋଷ ।
ଚଳନ ଶକ୍ତିକି କରି ବର୍ଦ୍ଧିତ । ମିଳନ୍ତି କ୍ଷିପ୍ର ଭୂମିରେ ତ୍ୱରିତ ।
ତୁଳନା ମନରେ । ବଳାଗଣ୍ଡ ପୂର ସମାନ କରେ । ୧ ।
ଶୁଦ୍ଧ ସୁବର୍ଣ୍ଣେ ପ୍ରାସାଦ ନିର୍ମିତ । ବୋଧ କରଇ ଦର୍ଶକର ଚିତ୍ତ ।
ସ୍ଥାଣୁ ହରି ଯୁଗ ଦ୍ୱାରରେ ସ୍ଥିତ । ଧସ୍ର ହୁଏ ମନେ ଶଙ୍କା ସହିତ ।
ରାଜ ମାର୍ଗେ ଫୁଲ । ରଜ ପଡ଼ୁ ବାସ ଚହଟେ ଭଲ । ୨ ।
ରାଜ କୁମାରୀ ନାମ ଦମୟନ୍ତୀ । ସଜ ଜାତି ଯାର କରଇଜ୍ୟୋତି ।
ଲାଜ ମୁଖରେ କରଇ ପରିପୂର୍ଣ୍ଣି । ଗଜଗମନକୁ କରେ ଦଳନ ।
ସଖି ସଙ୍ଗ ହିନେ । ଦେଖିବା ଶୋଭା ଗଲା ଉପବନେ । ୩ ।
ଦେଖିଲା ତହିଁ ଦିବ୍ୟ ରାଜହଂସ । ଲାଗି ରହିଲା ନୟନ ମାନସ ।
ରଖିବାକୁ ପାଖେ ଧରିବାପାଇଁ । ପକ୍ଷି ପାଶେ ମୁଁ ଧରା ନ ଦିଅଇ ।
କହିଲା ସେ ହଂସ । କହଇ ଭିକାରୀ ଚରଣ ଦାସ ସେ । ୪ ।

ଦମୟନ୍ତୀପ୍ରତି ହଂସ ।

ରାଜ ବାଳାରେ ।

ଅଛ ସଜ ସରୋଜମୁଖି ହେଉ ବାଉଳା । ପଦ ।
ଧରିଣୀ ଶୋଭିନୀ ବିମ୍ବାଧରି   ଧରି ନ ପାରିବୁ କୃଶୋଦରି ।
ଦରିଦ୍ର ଲୋକ ନନ୍ଦନା ପରି
ପରିମଳା ଲୋଭ କରୁ ତୁ ପରା ସୁଶୀଳା । ୧ ।
ଜଣେ ସଖୀ ନାହିଁ ତୋ ଗହଣେ   ବଣେ ଭ୍ରମୁ ଏକା କି କାରଣେ
ଗୁଣେ ବିଚକ୍ଷଣା ବୋଲି ଶୁଣେ
ଏଣେ ମାନସ ନ ବଳା କଳା ସୁକୁନ୍ତଳା । ୨ ।
ସାଧାରଣ ହଂସ ମୁଁ ନୁହଇ   ବେଧା ବାହନ ରୂପରେ ଥାଇ
ଅଥା ସ୍ୱର୍ଗେ ନରଇନ୍ଦ୍ର ଯେହୁ
ଶ୍ରଦ୍ଧାରେ ତାଙ୍କର କରେ କରଇ ମୁଁ ଖେଳା । ୩ ।

Digitized by srujanika@gmail.com

ଯେବେ ହେବୁ ତୁ ତାଙ୍କ ମହିଷୀ   ତେବେ ଶତ ସ୍ୱର୍ଣ୍ଣ ହଂସ ହଂସୀ
ଯିବେ ପାଶକୁ ତୋହର ଆସି
ହେବେ ବଶ କରିବୁ ତୁ କେତେ ଖେଳା ମେଳା । ୪ ।
ନଳ ସଙ୍ଗରେ ହୋଇଲେ ମେଳ   ଜଳକ୍ଷୀର ପରି ହେବ ଭଲ
ନୃଳ ଏ କଥା କର ଚଞ୍ଚଳ
ଛଳ ନୁହେ ମୋର ଗୀର ରେ ଉରୁ ବର୍ତ୍ତୁଳା । ୫ ।
ଶୁଣି ଏ ବାଣୀ ରମଣୀମଣି   ଗୁଣିଲା ମନେ ସତ ଏ ବାଣୀ
ଭଣିଲା ଲାଜବଦନେ ଅଣି
ଅଣି ଲେଖିଲା ଭକାର ସେହି ଭାବ ମାଳା । ୬ ।

ହଂସପ୍ରତି ଦମୟନ୍ତୀ ।

ସତେ ସତ । ହେବ ତୁମ୍ଭ ଭାଷ ହେ । ରାଜହଂସ । ପଦ ।
ଲଜ୍ଜାବଶ ଭାବ ନ ରଖି ମୁଁ ଅଛ । ସଜାଉଛି ମନଧନ ତାଲି ବାଛ । ହେଜାହେଜ କର ଯେ ସାର ତା ଖୋଜ । ସଜାକଲେ ହୃଦେ ବାସ ହେ । ୧ । ଚରି ବନ ତବ ଅଧୀନରେ ଥିବ । ସାର ଧୀର ମଣି ଯେବେ ପ୍ରାପ୍ତ ହେବ । ଶିରନତ କରି ସେ ପାଦ ସେବିବ । ପୀରତି ନ ଜାଣେ ଲେଶ ହେ । ୨ । ଭୁବରେ ମଘବା ଯେଉଁ ମହୋଦର । ଦେବ ତାଙ୍କୁ ମୁହିଁ କେଉଁ ଉପହାର । ଦ୍ୱାରବାର ମୋର ମନ ପୁଷ୍ପହାର ଶୋଭିବ ନାଅ ରଭସ ହେ । ୩ । କହିବ ମୋ ଦୁଃଖ ରହି କଛିକ୍ଷଣ । ମୋହ ନ ଥିବେ ଯେବାଳେ ବାମାଗଣ । ବହି ନ ଥିବେ ମନେ କ୍ରୋଧ ନୃଗଣ । ସେହି କାଳଟି ସରସ ହେ । ୪ । ଦେଖି ଯାଉଅଛ ଦୁଃଖ ରାଶି ମୋର । ଦୁଃଖିନୀଙ୍କ ଆଜି କହିବ ଖବର । ଅକ୍ଷି ଦୁଇ ସେହି ରୂପରେ ନକର । ଯୋଖିଲା ଭକାଶ ଦାସ ହେ । ୫ ।

ଦମୟନ୍ତୀପ୍ରତି ହଂସ ।

ରସା ମଣ୍ଡନା ମୋହ ଦନ୍ତ ଗୋ । ଦମୟନ୍ତୀ ।
ରସାଧିପ ନଳ ତୋତେ ଭାବନ୍ତି ଦିବସ ରାତି । ପଦ ।
ରଙ୍ଗ ଜୀବ ପାସୋରଇ   ରଙ୍ଗ ହରତାଳ ଦେଇ
ମାଙ୍ଗଶୋଭି ଲେଖାଇ ତୋ ମୂର୍ତ୍ତି ।
ସାଙ୍ଗ ହେବା ବୋଲି କହି କୋଳ କରନ୍ତି ।
ଡଙ୍ଗ ନାହିଁ ଶ୍ରୀ ଅଙ୍ଗରେ ବସିବାରୁ ମୁଖପୋଡି । ୧ ।
ରୂପ ଲାବଣ୍ୟରେ ଅନ୍ଧା   ଭୂପକୁ ବାନ୍ଧିଲୁ ଯାନ୍ଧା
ଭୂ-ପରେ ରଖିଲୁ ଅତି କାନ୍ତି ।
ତୋପରି ତୁ ଏଣିକି ହୋଇଲୁ ସୁମତି ।
ତପ କରିଥିଲୁ ପୂର୍ବେ ସେ ଫଳ ହେଲା ପ୍ରାପତି । ୨ ।
ନଳର ବାନ୍ଧବୀ ହୋଇ   କାଳ କଟାଇବୁ ତୁମ୍ଭ
ତୁଳରେ ସମାନ ବେନି ମୂର୍ତ୍ତି ।
କୋଳରୁ ଚଳ ନ କର ହେ ନୃପତି ।
କଳଙ୍କମୁଖୀ ବିଳମ୍ବ ନାହିଁରେ ପତି ସଙ୍ଗତି । ୩ ।
କହି ଏତେ ପକ୍ଷୀବର   ଫେଇ ବେନି ପକ୍ଷ ତାର
ଗୃହିଁଛି ସୁନ୍ଦରୀ କଲା ଗତି ।
ମଣାପତି ନଳ ପାଶେ ମିଳି ତତ୍ପତି ।
କହିଲା ଶୁଭ ବାରତା ଭିକାରୀ ଦାସ ବଦତି । ୪ ।

ନଳପ୍ରତି ହଂସ ।

ଅସୀମ ରୂପଚନ୍ଦ୍ରମା ଦଶା ହେ । ମହାଯଶା ।
କସି କସି ନେନେ ଦେଖି ଆସିଗଲି ମୁଁ ସହସା । ପଦ ।
କର କପୋଳରେ ନ୍ୟସ୍ତ । ବବ ବରଣୀର ସତ । ନୀରଜ ନେତ୍ର
ନ ହୁଏ କଷା । ନୀର ଧାର ସ୍ରବୁଅଛି ଯଥା ବରଷା । ମରମରେ ଭର-

Digitized by srujanika@gmail.com

ମରେ ମାର ମାରୁଅଛ ପଶା । ୧ । ତବ ନାମ ମାଳରୂପେ । ଧ୍ରବସ ନଶାବେ ଜପେ । ଜୀବନରେ ନାହିଁ ପୂର୍ଣ୍ଣ ଆଶା । ତବପଦ ଦେଖିବାରୁ କର୍ଣ୍ଣ ନ ଶୁଣେ ଭାଷା । ନବସଗ୍ର ବସୁପୀର ହୃଦେ ନୃପ କଲ ବସା । ୨। ପାଣ୍ଟି ଅରେ ଅରେ ପଢ଼ । ନାଟିକା ଯାଉଛ ଛାଡ଼ । ଚେଷ୍ଟମାନେ ହୋଇ ମେଳାମିଶା । ବାଣ୍ଟି ବାଣ୍ଟି ଉଶୀର ହେଲେଣି ଭବସା । କଣ୍ଟ-ଶୋଭନ ନମନ୍ତ୍ର ରଚିଲେଣି କେତେ ଭଷା । ୩ । ଫାଟିଯିବ ହୃଦ ଭେଟି ନ ଦେଲେ ନରେନ୍ଦ୍ର । କାଟିଲଣି ସେ ସକଳ ଆଶା । ମାଟି ଶେଯରେ ଗଡ଼ୁଛ ଧ୍ରବସ ନଶା । ରଚିଲା ଭିକାରୀ ଦାସ କେବଳ ଛାମୁ ଭରସା । ୪ ।

ଖଣ୍ଡକାବ୍ୟ ହଂସଦୂତ ।

ଶ୍ଳୋକ ।

ଦୁକୂଳଂ ବଭ୍ରାଣୋ ଦଳତ ହରତାଳଂ ଦ୍ୟୁତିଭରଂ,
ଜବା ପୁଷ୍ପ ଶ୍ରେଣୀରୁଚିରୁଚିର ପାଦାମ୍ବୁଜ ତଳଂ ।
ତମାଳ ଶ୍ୟାମାଙ୍ଗ ଦରହସିତଲୀଳାଞ୍ଚିତମୁଖ
ପରାନନ୍ଦା ଭୋଗାସ୍ଫୁରତ୍ତ ହୃଦତ କୋଽପି ପୁରୁଷଃ । ୦ ।

ଗୀତ ।

(ପଞ୍ଚସ୍ୱର ବୃତ୍ତ)

ଖଣ୍ଡ କାବ୍ୟ, ଶୁଣ ଭବ୍ୟ, ଖଣ୍ଡବତ ଏତ ।
ଭୁଞ୍ଜ ମଧୁର କହିବ ହଂସ ଦୂତ । ପଦ ।

ପୀତ ବସନ କୃଷ୍ଣଙ୍କ । ହତକରେ ଭକତଙ୍କ ଚିତ୍ତ ଚୋରକେ । ଦଳା ହରତାଳ ଖଣ୍ଡନ । ମେଳାରେ ନୁହେ ସମାନ । ଚପଳା ଘନ, ମାଳାରେ ଟଳେଟଳ । ତୋଳା ନ ହୋଇଲା । ତୁଳା ସ୍ୱର୍ଣ୍ଣ ଆଜ କେତେ ମାନ । ୧ । ପାରଜାତକ ପାଦର । ଶିଖିକ ଘେନ ସୁନ୍ଦର । ବାହାରେ ଘର । କର ରକ୍ତ କୋକନଦ । ସ୍ମରିଲା ସଦା ସେ ପଦ । ଧରିଲା

Digitized by srujanika@gmail.com

ଭେଦ । ବାଉଳକୁ ସମ କରିବାର ଭ୍ରମ । ସଞ୍ଚ ନ ହୋଇବେ ଜ୍ଞପମାତ ତମାଳମାଳ ଅଙ୍ଗର । ବର୍ଣ୍ଣି ସମାନ ରୁଚିର । ଜଳଦ ଛୁର । କଳା ଧଳା ଯେଣୁ କାଳେ । ଭୁଲା ନ ହୋଇବ ଛଟଳ । କାଳିନ୍ଦୀ ନଳେ । ଷଷ-ଗଳ୍ପ ରନ୍ଧ୍ର । ଲେଖେ ସମ ନୋନ୍ଧ । ହାସରେ ମଧୁ କୋଷ ପୂରିତ ।୩। ଗାଲାସ୍ୱିତ ମୁଖ ଦୁଷ୍ଟେ । ପଳାଏ ଉତ୍କଣ୍ଠ କଷ୍ଟେ । ମେଳାନ୍ତ ଗୋଷ୍ଠେ । ବଳାବ୍ରଜ ବାଳାଙ୍କର । ବଳାନୁଜ ସେ ଶ୍ରୀଧର । ବଳାସୁନ୍ଦର । ତୋଳା ରକା କୃତ । ଦଳାନ୍ତ ଭଯନ୍ତି । ମାଳାକରେ ନାମ କବରହୁ । ୪ ।

ହଂସ ଦୂତ ଚରିତ ଶୁଣ ସୁଧୀରେ । ରସ ମଧରେ ସାର ଅଟେ ଶୁଦ୍ଧିରେ । ପଦ । ବ୍ରଜ ବାଳାଙ୍କ ହୃଦକୁ ତାପନ୍ତେ କାମ । ରଜନୀ ଦିବା ଭଜନ୍ତି ଶ୍ରୀକୃଷ୍ଣ ନାମ । ଲାଜ ଭୟକୁ ଥୋଇ ଖୋଜନ୍ତି କୃଷ୍ଣେ ଯାଇ । ନିଜ ଗୃହେ କୋଣାଦ ଯେତେ କାହିଁ ନ ପାଇ । ସଜ ନବର ମଧ୍ୟେ ମିଳିଲେ ସର୍ବ ଗୋଇ । ଖୋଜ ଖବର ନ ପାଇଲେ କାନ୍ଦିରେ ।୧। ଜଣେ ଭଣେ ଏଣେ ଖୋଜିଲେ କି ହୋଇବ । ଜାଣେ ମଥୁରାକୁ ତାଙ୍କୁ ନେଲା ଦାଇବ । ତେଣେ କେତେ ସୁନ୍ଦରୀ ରହି ଅଛନ୍ତି ଧୂର । ଷଣେ ଛୁଡ ନ ପାରି ରହିଲେ ଘର କରି । ହାଣେ ମଦନଶରେ ଅମ୍ଭଙ୍କୁ ଲକ୍ଷକରି । ପ୍ରାଣେ ନ ମାରି ରଖାଇଲା ବନ୍ଧରେ । ୨ ।କେହୁ କହେ ମରାଳଗାମିନୀ ମାଳନୀ । ମୋ'ହଲା ଅମ୍ଭ କୃଷ୍ଣଙ୍କ ପ୍ରାଣ ସଙ୍ଗିନୀ । ଲେହିଲେ ତା ଅଧର-ମଧୁକୁ ବେଣୁଧର । ବହିଲେ ତେଣୁ ଅମ୍ଭେ ଶିରେ ବିରହ ଭାର । ସହି ପାରିବା ନାହିଁ ହେଲା ଅପି ବସ୍ତ୍ର । ଏହି ଦୁଃଖ ପଶିଛି ହୃଦ ସନ୍ଧିରେ । ୩ । ନବ କିଶୋରୀ ଭରି ନେତ୍ର ଯୁଗେ ବାରି । ଭାବ ବିନୋଦ୍ଦିଅ ଭାବ ବାଣି ଧ୍ୟମରି । ଜୀବନ ଅଶା ଦୂର-କରି ମଣିଲାବରି । ସର୍ବାଂସହୋଦରକୁ ନଖେ କାଟିଲେ ଗାରି । ଖବର କୃଷ୍ଣେ ଦେବା ଖୋଜିଲେ ଦୂତ ସାରି । ହେବ ଶୁଭ ଉକାସି କହେ ଅଧୀରେ । ୪ ।

Digitized by srujanika@gmail.com

ଦେଗ ପୀମାନେ ହଂସ ପ୍ରତି ।

ଚଞ୍ଚଳ ଚଳ ଜଳଚର ହେ । ହଂସବର ।
ଜଳଦ ବରନ ବଳ ଅନୁଜେ ଦିଅ ଖବର । ପଦ ।

ଦେଖି ଯାଉଅଛ ଦଶା   ଲେଖିଲେ କି ହେବ ଭ୍ରଷା ।
ଶୁଖିଲାଣି ଶ୍ରୀମତୀ ଶରୀର   ଯୋଖି ମାରୁଅଛି ଶର ମଦନ ବୀର ।
ପକ୍ଷୀ ରଖିବାକୁ ଦୁଃଖ ଯୋଗ୍ୟ ଏକା ନଟବର । ୧ ।

ହାଟକୁ ଯିବାରୁ ବାଟ,   ଘାଟ କହୁଛୁ ନିକଟ,
ଭେଟ ପ୍ରଥମେ କାଳିନ୍ଦୀ ସର   ମୋଟ କଦମ୍ବ ତରୁଏ ଅଛି ତା ତୀର,
ପେଟଭର ଖାଦ୍ୟ ପାଇ ସେଠାରୁ ଯିବ ସତ୍ୱର । ୨ ।

ବହୁହାସ ସ୍ଥଳ ଦେଖିବ,   ସାହାସ ଅତି ବଢ଼ିବ,
ମୁହାଁସ ସେ ବୃଥା କୁନ୍ତ କର   କାହାଶକ୍ତି ନାହିଁ ଛାଡ଼ିବା ସେ ସ୍ଥଳର
ଯାହା ସନ୍ତାପ ମନରେ ତାହା ଜାଣେ ବେଦବର । ୩ ।

ମଧୁବନ ତଦନ୍ତରେ,   ସାଧୁ ଦେଖିବ ନେହରେ,
ମଧୁକାଳ ହଦାକରେ ଘର   ମଧୁପମାନେ ବୃନ୍ଦ ମୁକୁଳେ ଝଙ୍କାର
ସାଧୁଥିବେ ଦେଖି କେକି କେକୀ କରୁଥିବେ ସ୍ୱର । ୪ ।

ତହୁଁ ମଥୁରା କଟକ,   ବହୁତ ଛନ୍ତି ପାଟକ,
ମୋହୁଛି ଅଟ୍ଟାଳିକା ତହିଁର   ଅହୋରାତ୍ର ନାଚ ନର ସ୍ତ୍ରୀ ବନ୍ଦର,
ନହୁଷ ପର ମହୀଶ କହେ ଉକାସ ଏ ଗୀର । ୫ ।

—:O✵O:—

କୁମାର ସମ୍ଭବ କାବ୍ୟ ।

ଶ୍ଲୋକ ।

ଅସ୍ତ୍ୟୁତ୍ତରସ୍ୟାଂ ଦିଶି ଦେବତାତ୍ମା ହିମାଳୟୋ ନାମ ନଗାଧିରାଜଃ ।
ପୂର୍ବାପରୌ ତୋୟନିଧୀ ବଗାହ୍ୟ ସ୍ଥିତଃ ପୃଥିବ୍ୟାଇବ ମାନଦଣ୍ଡଃ ।୧।

Digitized by srujanika@gmail.com

ଗୀତ ।

କୁମାର ସମ୍ଭବ କାବ୍ୟ ଶୁଣ ଭବ୍ୟ ଉମା ମହେଶ୍ୱର ସାର ଚରିତକୁ । କୁକ୍କୁଟ ମୁକୁଟ ପରି ଝଟ ଝଟ ଦରଶନେ ତହିଁ ନକ୍ଷାଅ ଛତ୍ରିକୁ ।ପଦ। କୁଧରାଧି ରାଜ ଉତ୍ତରେ ବିରାଜ ହିମାଳୟ ନାମ ଧାମଜଗତକୁ । କୁଜ୍‌ଝଟିକା ପରି ଢଳା ଶୁଭ୍ରବର୍ଣ୍ଣ ହିମ ହୋମ ଧୂମ ଗୁଢତ ଗାହକୁ ।୧। କୁଣ୍ଡଳୀ କୁଣ୍ଡଳ ଦେଖି ଘନ କାଳ ମୁଖର କରନ୍ତି ଉଚ୍ଚ ଶିଖରକୁ । କୁନ୍ଦନ କଣାର ଶିଖି ମନୋହର ଆନନ୍ଦ ପ୍ରଦାନ କରେ ଦର୍ଶକକୁ । ୨ । କୁଟଜାଦି ଫୁଲ ସୁବାସ ଅମୂଲ୍ୟ ବିତରଣ କରେ ସୁଦୂର ଦେଶକୁ । କୁଧର ସାଗର ଭେଦି ପୂର୍ବାପର ମାନଦଣ୍ଡ ପରି ହୋଇଛି ଧରାକୁ । ୩ । କୁମାରୀ ନଗର ପାର୍ବତୀ ନାମ ଯାର ତପସ୍ୱିନୀ ହେଲେ ତପ କରିବାକୁ । କୁଶଳେ ଭିକାରୀ କହଇ ଶମ୍ଭୁର ବରପ୍ରାପ୍ତ ହେବା ନିମନ୍ତେ ହରକୁ । ୪ ।

(ମା)

ମାଳ ଧରି ଶ୍ରୀହସ୍ତରେ ଜପି ତପକରେ ଉମା ।
ମାସବର୍ଷକେତେ ଗଲା ଶେଷେ ହେଲା ପୁଣ୍ୟ ସମା । ପଦ ।

ମାଳ ମାଳ ବିଘ୍ନସ୍ପର୍ଶି କରି କରି ନ ପାରିଲେ ସୀମା । ମାନସକୁ ଏକ ଲକ୍ଷ୍ୟ କରି ବଧିବାରୁ ଭୀମା । ୧ । ମାଜହେଲା ରୂପ ଅତି ତପ୍ତ କାଞ୍ଚନ ଗରିମା । ମାର୍ଗେ ଯିବା ଦେବେ ଦେଖି ଭାବିଲେ ଏ କାହା ଜେମା ।୨। ମାନବେ ଜାଣିଲେ ଈଶ ଘୋର ତପ ପରିକ୍ରମା । ମାୟାରେ ବ୍ରାହ୍ମଣ ରୂପ ହେଲେ ଯା ଶିରେ ଚନ୍ଦ୍ରମା । ୩ । ମାଳଧାରିଣୀ ପାଶରେ ମିଳି ବୋଇଲେ ରେ ବାମା । ମାହ୍ଲିଅ ତପ ତୋର କହେ ଭିକାରୀ ଅଧମା । ୪ ।

Digitized by srujanika@gmail.com

ଛଦ୍ମବେଶୀ ଦ୍ୱିଜ—ସାଙ୍ଘଙ୍ଗ ପ୍ରତି ।

ନଗବାଳା ରେ ।

ଗର୍ବ ନ କର କହୁଛି କଳା ସୁକୁନ୍ତଳା । ପଦ ।

ଗଜଚଳମା ପଣ୍ଡ ଅଛୁ ତୁହି । ଯାକ ଜାଣିଲ ତୋ ମୁଖେ ନାହିଁ । ଅଙ୍ଗ ତୋର ଏ ସୁନ୍ଦରଗୁହିଁ, ଦେଖ ହେଉଛି ମୋ ମନେ ବହି କି ନ କଲ୍ୟ ।୧। ପରପଞ୍ଚ ସେ ପଞ୍ଚବଦନ । ବର କରିବୁ କରନ୍ତୁ ମନ । ଦରପଣ ଧର ଦେଖ ଲପନ । ଘରନ୍ତ କି ନ ହୋଇବ ହେଲେ ବେକ ମେଳା । ୨ । ଦାଢ଼ିମାଳ ଗୋଡ଼େ ଥାଏ ବନ୍ଧି । ଗୋଡ଼ ଗ୍ରିଲବାର ଶକ୍ତି ନାହିଁ । ବୁଢ଼ା ବଳଦପରେ ଭ୍ରମଇ । ମୂଢ଼ ଅଧମ ଅଟଇ ସେ ସାପୁଅ ଖେଳା । ୩ । ବାର କୁଅରଅ ଭିକାରୁଅ । ତାର ଜାତି ନାହିଁ କେଙ୍କୁରଅ । ଦରବରତ ଦରବରଅ । ଛରନ୍ଦନ୍ଦ ମୁଣ୍ଡେ ନାହିଁ ଗୋଟେ ବାଳକଳା । ୪ । ମଶାଣିଅ ସେ ବୃଢଲଙ୍ଗୁଳ । ଖପାପାଶୁଁ ଥାଏ ଦେବେନ୍ଦ ବୋଳ । ଭ୍ରଷା କହଇ ଶବରଭଳ । ମୂଷା କାଟେ ଭିକମଗା ଥାଳକୁ ଦ୍ୱିବେଳା । ୫ । ଭଲ ବଲୁଟିଏ ଅଟଇ ସେହି । ବେଲପତ୍ର ବାଛି ଅଛି ନେଇ । ଫୁଲ-ଦୁଦୁରଗେର ଅଟେ ସେ ଘୃଣା । ଗୁଲଖଣ୍ଡେ ବନ୍ଧଥାଏ ନିତାନ୍ତ ଅକୁଳା ।୬। ଯୋଗୀ ତଥିରେତ ଅମଙ୍ଗଳ । ସଙ୍ଗିନୀହେବା ନ କର ମୂଳ । ଲାଗିଯାଏ ଅଲ୍ପକେ ଅମଳ । ଗୀଗିଠାକୁ ତୁ ନ ବର ମନ୍ଦାକଳକଳା । ୭ । ତୋର ସମାନ ନୁହଇ ସେହି । କରବନ୍ଧ ନ ପାରିବୁ ସହି । ହରକରେ ସାପ ଥାଏ ରହି । ବରନା ତର ତାଙ୍କୁ ବରବରନା ମଞ୍ଜୁଳା । ୮ । ଯେବେ ନ ଶୁଣିବୁ ମୋର ଗୀର । ତେବେ ପଛେ ହେବୁ ଦରବର । ଭଟବ ଦ୍ୱିଜବର କଥା ସାର । ଭବେ ଭିକାରୁ କହଇ ନ ହୁଅ ବାଉଳା । ୯ ।

କନ୍ଦର୍ପଙ୍କୁ ଇନ୍ଦ୍ର କହୁଅଛନ୍ତି ।

ସରଳ ସମ୍ପଦ ମୋର ସରଲ ସରଲା ରେ ।

ଏତେଦିନେ ଇନ୍ଦ୍ରପଦ ବିଧାତା ହରିଲ ରେ । ପଦ ।

Digitized by srujanika@gmail.com

ଯେଣିକି ଦେଖୁଛି ଗୃହେଁ   ସବୁ ଅନ୍ଧାର ଦିଶଇ
ଦୁର୍ଯୋଗ ବିଷ ମୋ ହୃଦେ ପ୍ରବେଶ ଯାଉଛି ରେ । ୧ ।
ନନ୍ଦନ ବନ ମୋ ନେତ୍ରେ   ନ ଦିଶଇ କଦାଚିତେ ।
ଯେପରି ଟକ କାଞ୍ଜି ମାରି ଗୁଣ୍ଡିକା ଚରିଲା ରେ । ୨ ।
କେତେ ନାହାନ୍ତି ମୋ ମିତ୍ର, କେତେ ନାହିଁ ବନ୍ଧୁଗୋତ୍ର
ଏତେ ଆଉଁ ଆଉଁ ମୋର ହୃଦୟ ଥରିଲା ରେ । ୩ ।
ତୋତେ ଭରସା ବହୁତ   କରୁଅଛି ଆରେ ସୁତ ।
ଭିକାରି କହେ ହୃଦୟ ସର୍ବଦା ଡ଼ରିଲା ରେ । ୪ ।

କନ୍ଦର୍ପ ଇନ୍ଦ୍ର ପ୍ରତି ।

କୋପେ କହେ ମଦନ ବୀର ହେ । ପୁରନ୍ଦର । କର୍ମେ କର୍ମା ତୁମ୍ଭ ହୃଦ ବିପୁରେ କାହାକୁ ଡ଼ର । ପଦ ।

ତୁମ୍ଭ ମୁଖରୁ ଏକଥା ଜବ ଶୁଣି ଲାଗେ ବ୍ୟଥା । ଦେବ ଦୁଃଖ ଏପରି କେ ବୀର । ଜିଦ୍ଧବରେ ବଶନାହିଁ କେଉଁ ଅମର । ଶିବ ବ୍ରହ୍ମା ବହ୍ନିମୁଖେ ପଢ଼ନ୍ତି ଯଶ ତୁମ୍ଭର । ୧ । ନନ୍ଦନେ ରକ୍ଷିତ ବନ ନନ୍ଦନ ଯାହାର ନାମ । ମନ୍ଦଶୋଭି କଲ୍ପ କେକେ ଛୁର । ଚନ୍ଦନ କେ ହରିଲ୍କ ଖିଲ ବସ୍ତ୍ର । ଫନ୍ଦନ ସେଳରେ କବା ପୂର୍ଣ୍ଣି ହୋଇଅଛି ପୁର । ୨ । ସୁନ୍ଦରୀ କେ ପୁଟନ୍ଦରୀ । ଚନ୍ଦ୍ରବଦନୀ ଚତୁରୀ । ମନ୍ଦବଲ୍ଲ ଛୁଡି କି ଆଦର । ବଦ ପାଦ ସେବା କରାଇବ ତୁମ୍ଭର ହୃଦକୁ ଫୁଲ କାଣ୍ଡରେ କରିବି ଶର ଶର । ୩ । ମୋର ସମାନରେ କେହି । ବୀର ବିଶ୍ୱ ମଧ୍ୟେ ନାହିଁ । ହର ବ୍ରହ୍ମା ଜନ୍ମି ମୁଁ ନକର । କରପ୍ରକାଶ ତୁମ୍ଭର ଶତ୍ରୁ କେ ଛୁର । ଛୁର ଛାର କରାଇବ କହେ ଭିକାରି ପମ୍ଭୁର । ୪ ।

Digitized by srujanika@gmail.com

ଇନ୍ଦ୍ର ମଦନ ପ୍ରତି ।

ବାବୁ ମଦନରେ । ଧନ୍ୟ ତୋ ଶକ୍ତି ଜାଣି ତୋତେ ଅଣ କରୁଛି
ବିଶେଷ-ତୁହି ରଖିବୁ ଏ ସ୍ୱର୍ଗ ସମ୍ପତ୍ତି । ପଦ ।

ବାଧା ଦେଉଅଛି ତାରକାସୁର । ବିଧାତେ ଗୋଷ୍ଠିକ ତାର ଶଏ ଭର । ସିଧାହୋଇ କେହି-ନ ପାରୁଛୁ ରହି । ମୂର୍ଦ୍ଧା ତଳକୁ ପୋତି । ୧ । ହର ହେବେ ଯଥା ଗଉରୀବର । କରକର ବାବୁ ଏ ଉପକାର । ଔରସେ ତାଙ୍କର ଜନମି କୁମାର ମାରିବ ରିପୁପତି । ୨ । କାର୍ତ୍ତିକେୟ ବିନା ମାରିବାପାଇଁ । କ୍ଷିତିସ୍ୱର୍ଗ ରସାତଳେ କେ ନାହିଁ । ଅଗ୍ନିଶମ୍ଭୁ ତପ କରନ୍ତି ବୃଷପ । ମୁଖତଳକୁ ପୋତି । ବସନ୍ତେ ବସନ୍ତ ଦୂତଭ୍ରମର । ବାସନ୍ତେଶୀ ସବୁ ନେଅ ସଙ୍ଗର । ରସବତୀ ରମ୍ଭା ଉର୍ବଶୀ ଆରମ୍ଭ ନାଚିବେ ଗାନେ ମାତି । ଗିରସୁତା ହର ଚରଣେସେବା । କର ମନାସ୍ଥିତେବ ବରହେବା । ମାରିବୁ ଏକାଳେ ମୋହ ବାଣ ହୁଲେ ବସାଇଣ ତତ୍ପରି । ୪ । ପାର୍ବତୀ ସଙ୍ଗରେ ହେବେ ମିଳନ । ସର୍ବ ମଙ୍ଗଳ ସର୍ବ ପଞ୍ଚାନନ । ଧ୍ୟାବେ କବି ଅନ୍ତ ଏଣୁ ପଦରନ୍ଧ୍ର ଯତ୍ନରେ ଦବାପ୍ରତି । ୬ ।

ମଦନ ଶିବ ପ୍ରତି ।

ଯୋଗିପଣ ଦେବ ଯାଉ । ତ୍ରିପୁରୀ ।

ଶଙ୍କର ମୁହିଁ ଅସିଛି ତୋ ପାଶେ ଦାଗିବାକୁ ପଞ୍ଚଶର । ପଦ ।
ତ୍ରିପୁରସୁନ୍ଦରୀ ନାରୀ ପୁରନ୍ଦରୀ ମନୋହରୀ ଏ ଗଉରୀ—
ପର କେହୁନାହିଁ ସମହେବା ପାଇଁ ମନେ ତୋତେ ଅଛି ବର । ୧ ।
ନ ଗୃହସ୍ଥ ତାକୁ ମୁକୁତାକୁ ତାକୁ ଶୋଭି ନ ହୋଇଲା ପଣ ।
ପରିମଳା ତୋତେ ଇଚ୍ଛିଲା ଯା ଚଉଦେ କେତେ ଭାଗ୍ୟ ଅଛୁ ଧର । ୨ ।
ମୋକରରୁ ଶର ନ ଯାଉ ରେ ହର ବସ ତାକୁ କୋଳକର ।
ତୁରିକାର ଲୋକ ନହେ ମୁଁ ବାଳକ କାଳକ ହେବ ବଇର । ୩ ।

Digitized by srujanika@gmail.com

ମୋ ପାଖରୁ ଆଜ ନ ଯିବୁ ତୁ ଲଜ ନ ହୋଇ ସଜାବାକିସି ।
ବାଜଲେ ମୋ ବାଣ ଭଜିବ ତୋ ଝାଣ ପାଞ୍ଚ କରନାହିଁ ହେବ । ୪ ।
କହି ଏହିପରି ଶରକୁ ଓଟାରି ଘୃତଦ୍ୟୁମ୍ନ ସମ୍ମୁଖରି ।
ମୁଖ ଏକ ଗ୍ରହ ଭୁକକୁ ବଦାଇ ଦେଲା ଉର୍ଦ୍ଧ୍ୱ ଦୃଷ୍ଟି କରି । ୫ ।
ସେ ଦୃଷ୍ଟି ବରଷି କାମପରେ ରହି ଦହିଦେଲା ତୃଣ ପରି ।
କହିଥିଲା ଯାହା ଭୋଗକଲା ତାହା କହିଲା ଦାସ ଭିକାରି । ୬

ରଣ୍ଡବିଳାପ ।

ଜୀବେଶ୍ୱର ହେ । ଦେବ ଏ ଦଣ୍ଡ ମନରେ ନ ଥିଲା ମୋହର । ପଦ ।

କାହା ମୁଖ ଚାହିଁ ଦିନନେବ । କାହା ମିଳନ କାହିଁ ପାଇବ । କାହା କାହାକୁ ହେ ଦୋଷ ଦେବ । ଏହା କପାଳରେ ଲେଖାଥିଲା ଯା ମୋହର । ୧ । କଲ କିଦୋଷ କଲ ଅନ୍ତର, ହେଲ ସିନା ସଂସାରୁ ବାହାର । କଲ ଏ ସାର ଜୀବନ ଛାର, ମଲନାହିଁ ଯା ହେ କାନ୍ତ-ଆଗରେ ତୁମ୍ଭର । ୨ । ତିନ ଭୁବନକୁ ଜୟକଲ, ତିନି ନୟନେ ଦହନ ହେଲ । ମୁନିମାନେ କହିଥିଲେ ଭଲ । ତିନିସିନ୍ଦୁର ରଖିବ ସଦା ତୋ ଭାଲର । ୩ । ଚନ୍ଦ୍ରା କି ତାପ ଦେଲ ଧରାଇ, ପିତା ଲାଗିଲା ସିତା ସରାଇ । ସୁତା ବିଷ୍ଣୁପିତାର ମୁଁ ହୋଇ । ଛତା କାଟିଦେଲେ କ ଦ୍ରୋହକଲ ତାଙ୍କର । ୪ । ମସ୍ତୀମଧ୍ୟେ କରି ନାଶ ସାର, ବନ୍ଧୁଜନଙ୍କୁ ମୋ କର୍ମ ଅଙ୍ଗାର । ବନ୍ଧୁ ଯୌବନ କଷଣ ଭାର । କାହିଁ କପର ଦିନ ମୁଁ ନେବ ବରାବର । ୫ । ଦନ୍ତ ଏହି ପିଣ୍ଡର କାରଣ । ଗନ୍ତ ମୁକ୍ତି ଦାନେ ନାରାୟଣ । ସନ୍ତ ନନ୍ତ ଗୁଣ୍ଣଥିବ ଗୁଣ । ଗୀର୍ତ୍ତି ରଚିଲା ଭିକାରି ବନ୍ଧୁ ଶୋକଭର । ୬ ।

୪ କାବ୍ୟନାଟକ

Digitized by srujanika@gmail.com

ଆକାଶବାଣୀ ଋତୁପ୍ରତି ।

ନ କାନ୍ଦ ନ କାନ୍ଦ ଝିଅ, ନ କାନ୍ଦ ନ କାନ୍ଦ ଲୋ ।
କାହାକୁ ନିନ୍ଦୁ ତୋର କପାଳତ ମନ୍ଦ ଲୋ । ପଦ ।
କରନେ ନ ଚିର ଧର, ନୀରଜାକ୍ଷୀ ନାହିଁ ଆର ।
ବରଜ ମରଣ ବୁଦ୍ଧି ଚିତ୍ତକର ଶୁଦ୍ଧ ଲୋ । ୧ ।
ଉମା ମନୋରମା ମେଳ, ଯେବେ ହେବେ ଶୀତଗଳ
ତେବେ ଦେବେ ଦେବେ ତୋତେ ମଦନ ସମ୍ପଦ ଲୋ ।୨।
ଧର ଧୈର୍ଯ୍ୟ ତେତେ ଧନ, ଥାଅରେ ବାଳାରତନ ।
ତରବୁ କଷଣ ବନ ଧର ନାବ ପାଦ ଲୋ । ୩ ।
ବ୍ୟୋମ ଭାରତୀ ଏପର, କାନ ନାହିଁ ଶୁଣିପାର ।
କହଇ ଦାସ ଭିକାରୀ ଶାନ୍ତକଲେ ହୃଦ ସେ । ୪ ।

ମୃଚ୍ଛକଟିକ ନାଟକ ।

ଏ 'ମୃଚ୍ଛକଟିକ ନାଟକ ଛଟକ ହାଟକ ପର କରଦେବ ହୃଦ ଅଟକ । ଶୁଣ ସଭ୍ୟକୁଳ ଗୁଣ କି ମଞ୍ଜୁଳ ଠାଣ କବଙ୍କର କର ମଣ୍ଡିବାକୁ କଟକ । ପଦ । ପ୍ରାଚୀନ ଶୂଦ୍ରକ କବି । ପ୍ରାଚୀ ଦିଗେ ଯଥା ରବି । ସର୍ବ ଭାବ ଭାବ ଭାବି । ରଚି ହେଲେ ଚିରଜୀବି । ପଚିବା ପଦାର୍ଥ ନୁହେ ଏ କଳ୍ପିତ । କଳ୍ପି ଦେଇଣ ଦେଖାଇ ଦେଇଛନ୍ତି ଫାଟକ ।୧। ଉଜ୍ଜୟିନୀ ନଗରର, ତେଜ ଅତି ମନୋହର । ଦ୍ୱିଜବଂଶ ସୁଧାକର, ଚାରୁଦତ୍ତ ନାମେ ଧୀର, ରାଜକାର୍ଯ୍ୟ କୀର୍ତ୍ତିରାଜ ଯା କରନ୍ତି । ହେଜିବାକୁ ଧନ ରହୁଥିଲେ ବନ୍ଧୁ ଫାଟକ ।୨। ଶେଷରେ ନିଃସ୍ୱ ହୋଇଲେ, ମୂଷଦରେ ଏ ରହିଲେ । ଦଶ ଦେଖିକରି ହେଲେ ବର୍ଣ୍ଣେ ଯେତେ ମିତ୍ର ଥିଲେ, ଦାସ ଦାସୀ ଦୁଇ ଛାଡିଗଲେ ନାହିଁ, ଆସ ପାଶ ଶ୍ଳାନ କଲେ ଏହି କୁଳ କଣ୍ଟକ । ୩ । ସତୀ ଶିରୋମଣି ଧୂର୍ତ୍ତା, ନିତ ମାନିଥାଏ କଥା । କତିରେ ଥିବା ନନ୍ଦନ, ମତି ଅନନ୍ଦ ବର୍ଦ୍ଧନ । ଅତିକରେ ସୁତ, ରୋହସେନ ମାବ, ସ୍ୱତ ଧନ

Digitized by srujanika@gmail.com

କଟାକ୍ଷ ସେ କୋହ୍ନ ଭଟ ଘଟକ । ୪ । ଏତେ ଦୁଃଖ ଲଭି ମୁଗ୍ଧା, ଲୁଚେ ନ ଦଅଇ ବାଧା । ମିତେ ରଖିଥାଏ ଶ୍ରଦ୍ଧା, ଚରିତ୍ରେ ଉଦାର ତା ବନ୍ଧା । ଦ୍ୱାତେ ଶଙ୍କାନଧ୍ୱ, ରହିଅଛି ଖୁନ୍ଦ । ଗୀତେ କହଇ ଉକାଳ ହେବ ରାଜଯୋଟକ । ୫ ।

ରାଗ—ଆଷାଢଶୁକ୍ଳ ।

ଶୁଣ ଗୁଣବନ୍ତେ ସେ ସମସ୍ତରେ । ପ୍ରାଣରେ ଅସି ଯେ କଷ୍ଟ ସଞ୍ଚରେ । ଟାଣ ଦୁଃଖ ଯେଉଁ ଲୋକ ସହିଛି । ଦାନ ଲାଭ ସେହି ଲୋକ ଜାଣିଛି । ଋଣ କଲେ ନର । ପଣ ମର୍ଯ୍ୟାଦା ସବୁ ହୁଏ ଦୂର । ୧ । ଦରିଦ୍ରର କଷାଘାତକୁ ସହି । ଘୋର କଷ୍ଟରେ ଦିନ ନିଏ ସେହି । କରି ନ ପାରି ପର ଉପକାର । ଝୁରି ମାରିଲା ପରି ହୃଦ ତାର । ଗରବ ହୋଇଲା । ଉରବା ଧନ ଯେଣୁ ସରି ଗଲା ଯେ ।୨ । ସେ ନଗରରେ ବିଭବଶାଳନୀ । ଥିଲା ଗୋଟିଏ ବାରବିଳାସିନୀ । ଝଣି ଝଣି ସ୍ୱର୍ଣ୍ଣରତ୍ନ ତା ଘରେ । ହସି ଉଜ୍ଜ୍ୱଳ କରଇ ନିଶାରେ । ତାହାର ନନ୍ଦନା । ଥିଲା ନାମ ଅଟେ ବସନ୍ତସେନା । ୩ । ବାଲ୍ୟ କାଳରୁ ସୁଖ ସମ୍ପତ୍ତିରେ । ଲାଳିତ ପାଳିତ ଥାଇ ଅର୍ଥୀରେ । ସାଧାରଣ ଗଣିତା ନାରୀ ପରି । ପୁଂଶ୍ଚଳୀଭାବ ଭବ ହୃଦେ ନ ଧରି । ରୂପ ଗୁଣେ ଧୀରା । ମଣ୍ଡନ କରେ ଉତ୍କୃଷ୍ଟ ଧରା ଯେ ।୪ । ଯୌବନ ଚରିତାର୍ଥ କରିବାକୁ । ଗୁଣାଭିରାମ ସେ ଗୁରୁଦତ୍ତକୁ । ନିଜର ଦେହ କରି ପ୍ରତ୍ୟର୍ପଣ । ଅନୁରାଗିଣୀ ହେଲା ପ୍ରତିଦିନ । କହଇ ଉକାଳ । କ ବର୍ଣ୍ଣିବ ତାର ଶୋଭା ଶୃଙ୍ଖଳା ଯେ । ୫ ।

ବସନ୍ତସେନାର ଶୋଭା ବର୍ଣ୍ଣନା ।
ରସ ମଣ୍ଡନା ଯୋଷାମଣି ଚତୁରୀ ।
ନିଶାପ୍ରେକ୍ଷା ସେ ମାରଧାର କତୁରୀ । ପଦ ।

Digitized by srujanika@gmail.com

ଖୋଷା ବର୍ଣ୍ଣିବାକୁ ଭଷା ନାହିଁ ଲୋକରେ ।
ଟଉଫାଳ ତୁଳ ନୋହିବ କି ଦଟବକରେ ।
ମନ ମୀନକୁ ବେଣୀ, ଆଣି ଦେଇଛି ହାଣି ।
ମୋତି ଜାଲର ସଙ୍ଗେ କଥାପଛି ଗୁନ୍ଥଣି ।
ସୁବର୍ଣ୍ଣ ଗୁଜ କାଠି ଅଣ୍ଟି ଦେଇଛି ପୁଣି ।
କାମ ଦେବର ଶୂଳ ପରି ସେ ହୁଏ ଜାଣି ।
ଜିତା ସମଗ୍ର ବିଶ୍ୱ ବିଜୟୀ ତୁଳି । ୧ ।
ନବ ଜଳଦ ନ ହେବ କେଶ ସମାନେ ।
କାଳ କାଳୀନ୍ଦ୍ର ମେଳ କରିବା କେସନେ ।
ସୀମନ୍ତ ସ୍ୱର ନଦୀ ଶୋଭି ଅଛି ସମ୍ବାଦ ।
ହୁଲ ତୁଲେ ପରଶୁ ହେଲା ସଦା ବିବାଦ ।
ଭ୍ରୁବୁ ଇନ୍ଦ୍ର କୋଦଣ୍ଡ ଶିଖିକ ଅଛି ରୁନ୍ଧି ।
ଶର କଜ୍ଜଳ ଗାର, ଦେଖି ହଜଇ ବୁଦ୍ଧି ।
ବେନି ନୟନ ବଣା ଏଣୀ ଗୃତୁଲି । ୨ ।
ପର୍ବ ଶଶଧର ଗର୍ବ ହରେ ଲପନ ।
ସର୍ବ ଶିରେ ଲୋଚନ୍ତି ସେ ନୋହି ସମାନ ।
ଦରପଣେ ଦର୍ପଣ ତୁଟିଗଲା ବନ୍ଧନ ।
ଦର ହାସରେ ସୁଧା କରଅଛି ସଦନ
ବାଳ ଅରୁଣ ପରି ଅଧର କି ଶୋଭନ
ଖେଳଇ ମଧୁ ମାଛି ତା ତଳରେ ମୋହିନ
ଗଳୁ ଅଛି ଓଷ୍ଠରୁ ସୁଧା ଉତୁର । ୩ ।
ତିଳ କୁସୁମ ନାସା ଅସମେ ଝଡିଲା ।
ଯୁଗଳ କର୍ଣ୍ଣେ ପାଟଳୀ ଫୁଲ ଲଟିଲା ।
ଉଡ଼ି ଭ୍ରମର ଆସି ତା ମଧ୍ୟେ ରହି ବସି ।
ଶୋଭା ଶିଖି ତାହାର ସମସ୍ତ ଦେଲା ନାଶି ।

Digitized by srujanika@gmail.com

କଣ୍ଠ ଦର୍ଶନେ ଦର କାହଳୀ ହବା ଜାଣି ।
କହେ ଭକାରି ଦାସ ଗଳାରେ ହାର ସଶି ।
ପରଧାନ କରନ୍ତି ରସ ଅତୁଳ । ୪ ।

କବ କଲ୍ୟାଣୀ ଶୁଣ ଧୀରେ ହେ । ସ୍ୱଚତୁରେ ।
ବସନ୍ତସେନା ରୂପକୁ ବର୍ଣ୍ଣିଅଛି ଯେ ପ୍ରକାରେ । ପଦ ।

ବର୍ଷ କି ହେମ ଚଟାଣ । ଲକ୍ଷ ମନୋହର ଠାଣ । ବକ୍ଷେ ଜପାମାଳା ତା ଉପରେ । ଅକ୍ଷ ତିନ ବିଜସ୍ଥ କି ଶମ୍ଭୁ ରୂପରେ । ମୋକ୍ଷ ଦେବାର ସେ କର୍ତ୍ତା ଆନ କେ ଅଛି ଉପରେ । ୧ । ନାଭି ଜଳର ଭଉଁରି । ଗମ୍ଭୀର ନୁହଇ ବାରି । ଶୋଭିବ ପଦ୍ମପଙ୍କ ଉଦରେ । ଲଭିଅଛି ପାର୍ଥି କୋକନଦ କରରେ । ଲୋଭ ହୋଇଲ୍ଲ କନକ କଳ ଦେଖି ଅଙ୍ଗୁଳିରେ । ୨ । କଟିପରୁ ଦେଖି ସିଂହ । ହଟି ବନେ କଲା ଗୁହ । ପୁଟି ଯୋଡ଼ିନ୍ତି ନାହିଁ ସ୍ପିତରେ । କଟିଲା ରମ୍ଭା ଅସମ ହୋଇ ଉରୁରେ । ଯୋଡ଼ିବ କେ ପାଦ ସଙ୍ଗେ ପଦ୍ମ ରହିଛି ପଙ୍କରେ । ୩ । ବାଣୀ ବାଣୀକର ବୀଣା । ଜଣା ସ୍ୱର କନ୍ଦପଣା । କଣା ସୁବର୍ଣ୍ଣ ପ୍ରଭା ଲୋକରେ । ଉଣା ଲୋକ ତୁଳେ ଚରମରେ ଭ୍ରମରେ । କଣା ବିଦ୍ୟାଧିପ ଯେଣୁ ପାର ଅଟେ ପଣ୍ଡିତାରେ । ୪ । ଗୃରୁଣିଳା ଏହ୍ନପର । ଢରୁ ଯଉବନ ଧର । ଗୃରୁ ଗୃରୁଦର ସଙ୍ଗତରେ । ହରୁଥାଏ ଜାଣି ମାଂତ ସୁସଙ୍ଗୀତରେ । କରୁଥାଏ ପ୍ରେମାଳାପ ଭକାରି କହେ ଗୀତରେ । ୫ ।

ପର୍ଥିସ୍ୱରୀ ।

ଶୁଣ ଧୀରେ- ସେ ରାଜ୍ୟରେ । ଅତ୍ୟାଗୃହୀ ରାଜା ।
ନାମପାଳକ ବୋଲଣ ବାଜେ ବାଜା । ପଦ ।

ସଂସ୍ଥାନକ ନାମଧାରୀ । ଶାଳକ ଜଣେ ତାଙ୍କର । ଅନ୍ୟାୟକାର । ଭଗିନୀ ଭାଗ୍ୟବିଭବ । ଉପଭୋଗୀ ସଦ୍ଦବ । ମୂର୍ଖ ସ୍ୱଭାବ । ପରଦାର

Digitized by srujanika@gmail.com

ଅଭିଳାଷୀ ସେହି ଲୋଭୀ । ନିତିଭ୍ରମେ ଏ ଖଣ୍ଡା ଯେ ଖଣ୍ଡା । ୧ । ଏହି ସବୁ ଦଣ୍ଡଧାରୀ । ଜାଣି ନ ଜାଣିଲାପରି । ଉପେକ୍ଷା କରି । କିଛି ନ କହିଲେ ଯହିଁ, ତା ମନ ବଳିଲା ତହିଁ । ପ୍ରଜାଏ ବହୁ ଅସନ୍ତୋଷ ହେଲେ ରାଜାଙ୍କ ନିନ୍ଦିଲେ । ମନେ ଭାବନ୍ତି ଦେବାକୁ ସଜା ।୨। ବସନ୍ତ ସେନାର ମନ, ହରିବାକୁ ସେ ଦୁର୍ଜନ । ଅନେକ ଧନ । ପ୍ରଲୋଭନ ଦେଖାଇଲା । ନାରୀରତ୍ନ ନ ଭୁଲିଲା । ରାଗ ବଢ଼ିଲା । ଚାରୁଦତ୍ତ ଦେବଦୁର୍ଲ୍ଲଭ ସ୍ୱଭାବ । ଅଧିକାର କରିଛି ତା ମନଟା । ୩ । ଦିନେ ସନ୍ଧ୍ୟା ସମୟରେ । ବସନ୍ତସେନା ବେଶରେ । ରାଜମାର୍ଗରେ । ଏକାକିନୀ ଚାରୁଦତ୍ତ । ଗୃହକୁ ଚଳେ ତୁରିତ । ଚମକେ ଚିତ୍ତ । ସଂସ୍ଥାନକ ସେହି କାଳେ ମିଳେ ତହିଁ । ସହଚର ମେଳ ନାହିଁ ଖୋଜା । ୪ । କହିବାକୁ ଅତ୍ୟାଚାର । ମନ କରନ୍ତି ସତ୍ୱର । ସୁସହଚର । ମଧ୍ୟରୁ କହିଲା ଜଣେ । ମନ ଦିଅ ନାହିଁ ତେଣେ । ମରିବ ପ୍ରାଣେ । ଏ ବସନ୍ତ ସେନା । ଲଜ୍ଜିତାସ୍ୱମନା । କହେ ଉକାର କ ହେବ ମଜା । ୫ ।

ସହଚର କଥା ଶୁଣି । ସଂସ୍ଥାନକ ମନେ ଗୁଣି ।
ନିବୃତ୍ତ ହେଲା ତହିଁରୁ କର୍କଶ ବଚନ ଭଣି । ପଦ ।
ମାତ୍ର ତାଠାରେ ଅନୁରକ୍ତା ନ ହେବାରୁ ସେ ବନିତା ।
କ୍ରୋଧାନଳେ ପ୍ରଜ୍ୱଳିତା ହେଲା ସଂସ୍ଥାନକ ପୁଣି । ୧ ।
ସେଦିନୁ ପ୍ରକାଶ୍ୟଭାବେ । ଚର ରଖେ ଠାବେ ଠାବେ ।
ଚାରୁଦତ୍ତର ଅନିଷ୍ଟ ସାଧିବାକୁ ଯେ ଅଙ୍କାନୀ । ୨ ।
ସେମାନଙ୍କ ହସ୍ତୁ ରକ୍ଷା । ପାଇଣ ରାଜବରକ୍ଷା ।
ଚାରୁଦତ୍ତ ଜୀର୍ଣ୍ଣ ଗୃହେ ପ୍ରବେଶିଲା ତତକ୍ଷଣି । ୩ ।
ସ୍ତ୍ରୀସ୍ୱଭାବ ସୁଲଭ । ଲଜ୍ଜା ହେତୁରୁ ନୀରବ ।
ହୋଇ ରହି ନ କହିଲା ପଥ ଅତ୍ୟାଚାର ବାଣୀ । ୪ ।

Digitized by srujanika@gmail.com

ପ୍ରେମାଳାପେ ମନତୋଷ । କରି ସେ ତରୁଣୀ ଭଣ ।
ଫେରିଲାବେଳେ ଗୃହକୁ କହେ ଯୋଡ଼ିକରି ପାଣି । ୫ ।
ଅଙ୍ଗଶୋଭା ସମ୍ପାଦକ । ମୋର ଅଳଙ୍କାରଯାକ ।
ସର୍ବ ଅନର୍ଥର ମୂଳ ହେଲେ ମୁଁ ପାରୁଛି ଜାଣି । ୬ ।
ଆପଣଙ୍କ ଘରେ ଏହି । ସବୁ ରଖିଦିଅ ନେଇ ।
ଗୁରୁଦତ୍ତ ଅନିଚ୍ଛୁକ ହେଲେ ଏ ବଚନ ଶୁଣି । ୭ ।
ଅତି କଷ୍ଟାଳେ ତାହାର । ଗୁରୁଦତ୍ତ ଅଳଙ୍କାର ।
ସବୁ ହସ୍ତରେ ଘେନିଲେ ଭିକାରି ଏ ଗୀତେ ଭଣି । ୮ ।

ଅଳଙ୍କାର ପ୍ରାପ୍ତ ହୋଇ ଗୁରୁଦତ୍ତ, ଭାବିଲେ ନୈନେନ୍ଦ୍ର ସ୍ୱମନ ମୋହର । ଭୃତ୍ୟ ବିଶ୍ୱାସୀକ ସେ ବର୍ଦ୍ଧମାନଙ୍କ ଧନ ରତ୍ନ ନେବେ ଏ ରକ୍ଷାର ଭାର । ପଦ । ସ୍ତ୍ରୀରହି ବସନ୍ତ ସେନା ହେଲା ଭିତ, ବାହିରେ ଏକାକି ଯିବାକୁ ସ୍ୱପୁର । ଭାବିଲେ ସେ ଗୁରୁଦତ୍ତ ମୁଁ ଆଗରୁ ଭାବିଥିଲି ଯାହା ହେଲା ବରାବର । ୧ । ବୋଇଲେ ମିଶକୁ ଘେନି ଅଳେକକୁ ଛୁଡ଼ିଆସ ଘଡ଼ି ଦଶାତ ଅନ୍ଧାର । ହୁଅନ୍ତେ ସ୍ୱୀକୃତ ଯାଇ ଗୁରୁଦତ୍ତ ଦେଖିଲେ ଭଣ୍ଡରେ ନାହିଁ ତୈଳ ଧାର । ୨ । ଏଣୁ ଚନ୍ଦ୍ରୋଦୟ ପର୍ଯ୍ୟନ୍ତ ସେ ଲମ୍ବ କରଣ ବସିଲେ ହୋଇଛି ଅନ୍ଧାର । ପ୍ରକୃତିଙ୍କ ଶଶ ଉଦେହେଲେ ଆସି ଦିଶିଗଲା ବାଟ ଘାଟ ପରିଷ୍କାର । ୩ । ବସନ୍ତ ସେନାଙ୍କୁ ନିଜ ସଦନକୁ ପଠାଇଣ ଦେଲେ ଭୟ କରି ଦୂର । ଏଣିକି ଯେ ରସ ଶୁଣ ହେ ବିଦୁଷ କହଇ ଭିକାରି ଦାସ ପଦସାର । ୪ ।

ରାଗ ଆଷାଢ଼ଶୁକ୍ଳ ।

ଅବନ୍ତୀ ନିକଟବର୍ତ୍ତି ଗ୍ରାମରେ । ଥିଲା ଗୋପାଳେ ଅର୍ଯ୍ୟକ ନାମରେ
ସଦ୍‌ଗୁଣ ସମ୍ପନ୍ନ ପ୍ରିୟଦର୍ଶନ । ଭୂପରେ ରୂପ ଯେପରି ମଦନ ।
ଅଙ୍ଗେ ବିଦ୍ୟମାନ ।
ଗଜୋଚିତ କେତେ ଶୁଭ ଲକ୍ଷଣ ଯେ । ୧ ।

Digitized by srujanika@gmail.com

ଜନୈକସିଦ୍ଧ ପୁରୁଷ ଦର୍ଶନ । କହୁଣ ପ୍ରକାଶକଲେ ବଦନ ।
ଧନେ ରାଜପଦରେ ଅଭିଷିକ୍ତ । ହୋଇବ ଏହ୍ନ ଗୋପାଳ ଯଥାର୍ଥ ।
ଭବିଷ୍ୟତ ବାଣୀ ।
ପ୍ରଜା ଏପରି ଦୂର୍ବ୍ଥିଲେ ଶୁଣି ଯେ । ୨ ।

ଫଳବତୀ କରିବାକୁ ସେ କଥା । ପ୍ରଜାଏ ସର୍ବେ ହୋଇଣ ଏକତା ।
ଷଡ଼ଯନ୍ତ୍ର କଲେ ସେ ଅତ୍ୟାଗ୍ରହେ । ପାଳକେ ସିଂହାସନୁ ଦୂର କରି ।
ଗୋପାଳକୁ ନେଇ ।
ରାଜଆସନେ ଦେବାକୁ ବସାଇ । ୩ ।

ପାଳକରାଜା ଏହା ଜାଣି ପାରି । ଆର୍ଯ୍ୟକକୁ କାରାଗାରରେ ଭରି ।
ବେଳାଗୋଡ଼େ ଦୃଢ଼ ନିଗଡ଼ ଦେଇ । ରଖିଲା ରକ୍ଷିବେଷ୍ଟିତ କରାଇ ।
ମହାଚୌର୍ଯ୍ୟ ମତ ।
ଜାଣି ଲୋକମାନେ ହୋଇଲେ ତ୍ରସ୍ତ ଯେ । ୪ ।

ଶର୍ବିଳକନାମା ଚୌର୍ଯ୍ୟ ନିପୁଣ । କୁକର୍ମ୍ମାସକ୍ତ ଅଧମବ୍ରାହ୍ମଣ ।
ସେ ଷଡ଼ଯନ୍ତ୍ରେ ଯୋଗଦେଇଥାଏ । ମଦନୀକା ନାମେ ବେଶ୍ୟା ଗୋଟିଏ
ତା ପ୍ରେମେ ଆସକ୍ତ ।
ସେ ଘାନ ଭିକାରି କହେ ଏ ଗୀତ ଯେ । ୫ ।

ଶୁଣ ପଣ୍ଡିତେ ଏ ଉତ୍ତରୁ ରହସ୍ୟ ।
ଚୋର କବି କରିଅଛନ୍ତି ପ୍ରକାଶ । ପଦ ।

ବସନ୍ତ ସେନାଙ୍କଠାରୁ ସେ ମଦନୀକା,
ଋଣ ଗ୍ରହଣ କରିଥିଲା କେତେ ଟଙ୍କା ।
ଯଥା କାଳରେ ପରି- . ଶୋଧ କରି ନ ପାରି ।
ମଥା ବନ୍ଧକ ରଖି ଦାସୀ ବୃତ୍ତି ଆଚରି ।

Digitized by srujanika@gmail.com

କଥା ମାନ ରହିଲା ଋଣୁ ହେବାକୁ ପାର ।
ବ୍ୟଥା ତା ପ୍ରିୟ ହୃଦ କଲା ଏ ଖିନ୍ନ ସ୍ମର ।
ତଥା ମନରେ ଜାତ ନିତ ବିରସ । ୧ ।

ଚୌର୍ଯ୍ୟ କାର୍ଯ୍ୟ ଦ୍ୱାରା ଅର୍ଥ ସଂଗ୍ରହ କରି ।
ଦାସୀତ୍ୱରୁ ପ୍ରିୟାକୁ ନେବାକୁ ଉଦ୍ଧାରି ।
କରୁଥାଏ ଯତନ, ଶର୍ବିଳକ ବ୍ରାହ୍ମଣ ।
ଆର୍ଯ୍ୟଦତ୍ତ ମିତ୍ରଙ୍କ, ସଙ୍ଗରେ ଏକ ଦିନ ।
ନୃତ୍ୟ ଗୀତାଦି ଶୁଣି— ବାଜୁ ବଜାଇ ମନ ।
କରି ଗମନ ଫେରି, ନିଦ୍ରାରେ ଅଚେତନ ।
ହୋଇ ରହିଲେ କ୍ଳାନ୍ତ ଲଭି ବିଶେଷ । ୨ ।

ବସନ୍ତ ସେନାଙ୍କ ଅଳଙ୍କାରର ଭାର ।
ନ୍ୟସ୍ତ ଥିଲା ବିବେ ମୈତ୍ରେୟଙ୍କ ଉପର ।
ଅଳଙ୍କାର ଯତ୍ନରେ, ନିଜ ଶଯ୍ୟା ପାଖରେ ।
ସ୍ଥାପନ କରି ନିଦ୍ରା ଥିଲେ ସେ ନିର୍ଭୟରେ ।
ଗୃହେ ପ୍ରଦୀପ ଜଳି, ଆଲୋକ ଦାନ କରେ ।
ବ୍ରାହ୍ମଣ ଶର୍ବିଳକ ଏହି ଅବସରରେ ।
ସିନ୍ଧି ଖୋଳି ସେ ଗୃହେ ହେଲା ପ୍ରବେଶ । ୩ ।

ସ୍ତେୟ ଶାସ୍ତ୍ର ବିଧାନରେ ପରୀକ୍ଷା କଲା ।
ଗୃହସ୍ଥମାନେ ସୁପ୍ତ ଅଛନ୍ତି ଦେଖିଲା ।
ପ୍ରଦୀପ ଆଲୋକରେ, ଦେଖିଲା ସେ ନେତ୍ରରେ ।
ଦ୍ରବ୍ୟ ସମ୍ଭାର କିଛି ନାହିଁ, ଗୃହ ମଧ୍ୟରେ ।
ହତାଶ ହୋଇ ଫେରି— ବାର ଉଦ୍ୟୋଗ କରେ ।
ଚିହ୍ନ ଭିତ୍ତି ଦର୍ଶନ କଲା ଏସମୟରେ ।
କାର୍ତ୍ତିକେୟଙ୍କୁ ପ୍ରଶଂସିଲା ବିଶେଷ । ୪ ।

Digitized by srujanika@gmail.com

ଅନ୍ୱେଷ୍ଟ କୀଟ ଦ୍ୱାରା ଅଲୋକ ଲଭଇ ।
ଅଳଙ୍କାର ଭାଣ୍ଡଟି ପରତୋଷେ ବନ୍ଧ ।
ବସନ୍ତ ସେନାଦ୍ୱାର- ଦେଖେ ମିଳ ସତ୍ୱର ।
ଇଙ୍ଗିତ ଦ୍ୱାରା ମଦ- ନୀକାକୁ ଡାକ ସ୍ୱେର ।
ଗବାକ୍ଷ ନିକଟରେ ପ୍ରଣୟିନୀ ହସ୍ତର ।
ଅର୍ପଣ କର ଦେଇ ଦୁର୍ମୂଲ୍ୟ ଅଳଂକାର ।
ବୋଇଲ ଋଣରୁ ମୁକ୍ତ ହୋଇଣ ଆସ । ୫ ।
ମଦନୀକା ଦେଖି ଅଳଙ୍କାର ଗୁଡ଼ିକ ।
ଚହ୍ନିଲା ବସନ୍ତ ସେନାର ଏ ପେଡ଼ିକ ।
ପଶୁରଲା ବନ୍ଧନ, କେଉଁଠାରୁ ଏ ଧନ ।
ଆଣି ମୋତେ ଅର୍ପଣ କଲ କହ ହେ ଧନ ।
ଶୁଣି ସେ କହେ ସ୍ୱରୁ— ଦତ୍ତ ଗୃହ ରତନ ।
ଚୌର୍ଯ୍ୟ ବୃତ୍ତିରେ ସବେ କଲି ଅପହରଣ ।
କହେ ଭକାର ଗୋସ୍ୱା ହୁଅ ସନ୍ତୋଷ । ୬ ।

ମଦନୀକାର ଉକ୍ତି ।

କି କଲ କି କଲ ପ୍ରିୟ କି କଲ କି କଲ ହେ ।
ଏହ କାର୍ଯ୍ୟ କର କେହ୍ନ ହୋଇଛ କି ଭଲ ହେ । ପଦ ।
ଏ ଅମୂଲ୍ୟ ଅଳଙ୍କାର, ମୋର ଠାକୁରାଣୀଙ୍କର ।
ଶୋଭୁଥିଲା ଶ୍ରୀଅଙ୍ଗର ଏହ କଣ୍ଠି ଫୁଲ ହେ । ୧ ।
ତୁଷ୍ଟ ପ୍ରାଣ ପ୍ରିୟଙ୍କର. ସାଧିବାକୁ ଉପକାର ।
ଦେଇଥିଲେ ଉପହାର ତୁମ୍ଭେ ସ୍ୱେସ୍ୱ କଲ ହେ । ୨ ।
ନ ଦେଖି ପ୍ରିୟା ପଦାର୍ଥ କି ଭାବବେ ଗୃରୁଦତ୍ତ ।
ତାଙ୍କ ହୃଦେ ଦବାସନ ବଢ଼ କଲ ଭଲ ହେ । ୩ ।
ନିନ୍ଦ ଧାଗର୍ହିତ କାର୍ଯ୍ୟ; କରଅଛ ଅହେ ଆର୍ଯ୍ୟ ।
ସତ୍ୟ ମିଥ୍ୟା ମନେ ହେଜ ତାଙ୍କ ଶନ୍ଦୁ ହେଲ ହେ । ୪ ।

Digitized by srujanika@gmail.com

ଯେ କୌଣସି ଉପାୟରେ, ତାଙ୍କ କରକମଳରେ
ଅଳଙ୍କାର ସବୁ ଦେଲେ ହେବ ବଡ଼ ଭଲ ହେ ।୫।
ଧୂର୍ତ୍ତ ଶର୍ବିଳକ ଶୁଣି, ସ୍ୱଦୋଷ ପାରିଲା ଜାଣି ।
ବୋଲେ ମୋତେ କୁଶପାଣି କି କୁବୁଦ୍ଧି ଦେଲ ହେ ।୬।
ଏ ସବୁ କଥା ବସନ୍ତ— ସେନା ଶୁଣୁଥିଲେ ଗୁପ୍ତ ।
ସ୍ଥାନେ ଭକାର କବଚ୍ଚ କରଇ କହିଲ ହେ । ୭ ।

ଭଷେ ବୁଦ୍ଧିମତୀ ମଦନକା ମୂର୍ତ୍ତି-ମଞ୍ଜୁଳା କୋମଳା ଗୃରୁ ସୁକୁ-ନ୍ତଳା । ହେଲା କରିବାର ନାହିଁ ପ୍ରିୟବର କରେ କର ଏହି ଅଳ-ଙ୍କାର ମାଳା । ପଦ । ଗୃରୁଦତ୍ତଙ୍କର ପ୍ରିୟ ବନ୍ଧୁବର ରୂପେ ତାଙ୍କ ଦୁଃଖେ ହୃଦ କରି ଭେଳା । ଅଳଙ୍କାରଯାକ ବସନ୍ତ ସେନାଙ୍କ ନିକ-ଟରେ ଦେଇ ହୁଅ ନିରମଳା । ୧ । ପ୍ରିୟାର ଏ ବାଣୀ ଶର୍ବିଳକ ଶୁଣି ଯାଇ ବସନ୍ତ ସେନାଙ୍କୁ ଯେ କହିଲା । ଜୀର୍ଣ୍ଣଘରେ ଏହି ଅଳଙ୍କାର ଥୋଇବାର ଗୃରୁଦତ୍ତ ମନକୁ ନଇଲା । ୨ । ମୋ ହସ୍ତେ ଫେରାଇ ଦେଇଛନ୍ତି ନେଇ ରଖ ରଖ ଯତନରେ ଗୃରୁଶୀଳା । ଶଠ ଶିରୋମଣି ଉଚ୍ଚାରି ଏ ବାଣୀ ଯାଉଅଛି ବୋଲି ବିଦାୟ ମାଗିଲା । ୩ । ଭଷେ ନାୟିକା କହୁଛନ୍ତି ଆର୍ଯ୍ୟ ଯେ ଦେବ ତୁମ୍ଭଙ୍କୁ ଏହି ରତ୍ନମାଳା । ହେବ ପୁରସ୍କାର ମଦନକା ନାରୀ ନିଅ ଆଜୁ ଏହି ଋଣ ମୁକ୍ତ ହେଲା । ୪ । ବସ୍ତ୍ରୟୁ ନୟନେ ପ୍ରିୟା ସହି ଜାନେ ବସି ଶର୍ବିଳକ ବିଦାୟ ହୋଇଲା । କହଇ ଭକାର ମଣ୍ଡି ନିଜ ପ୍ରଣୀ ମଦନ ବଦନେ ଲଗାଇଲା କଳା ।୫।

ଆସି ପାହ୍ଵାରୁ ନିଶି । ଉଠି ଗୃରୁଦତ୍ତ ଦାସୀ ।
ଆର୍ଯ୍ୟଙ୍କୁ ସମ୍ବାଦ ଦେଲା ଘରେ ଥିଲେ ଗୈର ପଶି । ପଦ ।
ସିନ୍ଧି ଦେଖି ବୁଦ୍ଧି ହତ, କଲେ ଧୀର ଗୃରୁଦତ୍ତ ।
ନ୍ୟସ୍ତ ଧନ ଅପହୃତ ଜାଣି ଦୁଃଖ ହେଲା ବେଶି । ୧ ।

Digitized by srujanika@gmail.com

କାଳେ କରବେଂ ସନ୍ଦେହ, ଲୋକେ ମୋତେ ଅତଶଯ୍ୟ ।
ଏ ଭୟ ଉରଗରୟ ଦେଲେ ହୃଦୟକୁ ଦଂଶି । ୨ ।
ଏ ଚନ୍ତାରେ ଅଭିଭୂତ, ହୋଇ ପଡ଼ ଗୃରୁଦତ୍ତ ।
ଦାରଦ୍ର୍ୟକୁ ସେ ବହୁତ ସମ୍ବୋଧନ କଲେ ବସି । ୩ ।

ଶ୍ଳୋକ ।

"ଦାରଦ୍ର୍ୟଶୋଗ୍ନମି ଭବନ୍ତ ମେବ
ମସ୍ମଚ୍ଛରିରେ ସୁହୃଦତ୍ୟୁଷିତ୍ୱା ।
ବିପନ୍ନ ଦେହେ ମହ୍ୟମନ୍ଦଭଗ୍ୟେ
ମମେତ ଚନ୍ତା କୁଗମିଷ୍ୟସିତ୍ୱଂ"
ଆହା ! ଦରଦ୍ରର କ ସୁନ୍ଦର ଉକ୍ତି ।

ଗୀତ ।

ପତବ୍ରତା ଧୂର୍ତ୍ତ ତାଙ୍କ ଶୁଣି ଏ ବଷୟ୍ଯାକ
ମୈତ୍ରେୟଙ୍କୁ ନଜ ପାଖ ଡ଼କାଇ ମଧୁର ଭଷି । ୪ ।
ପିତାଙ୍କ ଗୃହରୁ ପ୍ରାପ୍ତ ରତ୍ନହାର ଏକମାତ୍ର ।
ପଠାଇ ଦେଲେ ତୁରତ ସ୍ୱାମୀ ପାଶକୁ ରୂପସୀ । ୫ ।
ପୂର୍ବାଳଙ୍କାର ମୂଲ୍ୟର ସମାନ ହେବ ଏହାର ।
କହେ ଭକାରୀ ପଣ୍ଟର ପତ ମତ ହେଲା ଖୁସି । ୬ ।

ଗୃରୁଦତ୍ତ ମୈତ୍ରେୟଙ୍କ ପ୍ରତ ।

ଅହେ ପ୍ରିୟବର, ରତ୍ନାବଳ ହାର ନେଇ ଦଅ ମୋ ପ୍ରିୟା ବସନ୍ତ ସେନା ହସ୍ତରେ । ଧୂର୍ତ୍ତ ପ୍ରିୟା ମୋର, ଯେଉଁ ଉପକାର କଲା ଏହ ପର ନାରୀ କେତେଜଣ ସଂସାରେ । ପଦ । ଚୋର ହୋଇଥିବା ଶୁଣି ବସନ୍ତ ସେନା ତରୁଣୀ । କାଳେ ନ କଲେ ଗ୍ରହଣ । କହବ ଏହ ବଚନ । ନଜ ବସ୍ତୁ ଜ୍ଞାନେ, ଦ୍ୟୁତ ଖେଳ ସ୍ଥାନେ । ହାର ଅଛନ୍ତ ପଡ଼ଛ ସେ ବଦେଶୀ ହସ୍ତରେ ।୧। ତାହାଠାରୁ ଉପଯୁକ୍ତ, ମୂଲ୍ୟରେ

Digitized by srujanika@gmail.com

ରତ୍ନ ସମସ୍ତ । ଫେର ପାଇବା ଉପାୟ । ନ ଦେଖି ଭୂମୁର ପ୍ରିୟ । ଏହି ରତ୍ନାବଳୀ-ହାର ଦେଲେ ବାଳା । ଦୟା କରଣ ଗ୍ରହଣ କରନ୍ତୁ ଘଟତରେ । ୨ । ଶୁଣି ମୈତ୍ରେୟ ବଚନ । ସେଠାରୁ କର ଗମନ । ବସନ୍ତ ସେନା ଗୃହରେ, ନିଜ ହାର ଦେଲେ ଖରେ । ସମ୍ବାଦ ଶ୍ରବଣେ । ବସନ୍ତା ଭଣେ । ଜଣାଇବ ଦେଖା ହେବ ଆଜ ସନ୍ଧ୍ୟା-ମୁଖରେ । ୩ । ମୈତ୍ରେୟ ଆସନ୍ତେ ଫେର । ସନ୍ଧ୍ୟ ମୁଖେ ପ୍ରେମାତୁରୀ । ଗୃହଦତ୍ତଙ୍କ ସଙ୍ଗରେ । ସାକ୍ଷାତ କଲେ ବଧିରେ । ଅଳଙ୍କାର ଯାକ-ହସ୍ତ ଗତ ତାଙ୍କ, ହୋଇ ଥିବା ପ୍ରକାଶିଲେ କଥିଯ ପ୍ରସଙ୍ଗରେ । ୪ । ରତ୍ନାବଳୀ ହାର ନେଇ । ଧୂର୍ତ୍ତଙ୍କୁ ଦେଲେ ଫେରାଇ । ବୃଷ୍ଟି ହେବାରୁ ଅଧିକ । ରହିଲେ ସେ ରାତ୍ର ଯାକ । ଉଭୟର ମନ-ନାହିଁ ଉଲ୍ଲାସିଲ, କହେ ଭିକାରୀ ଚରଣ ଦାସ ଏହି ଗୀତରେ । ୫ ।

ଅଳି ହୋଇବାରୁ ପ୍ରଭାତ ସେ । ଗୃହଦତ୍ତ ।
ଭ୍ରମଣ ନିମନ୍ତେ ଉଦ୍ୟାନକୁ ବଳାଇଲେ ଚିତ୍ତ । ପଦ ।
ବାହାର ହୋଇବା ବେଳେ ଭୃତ୍ୟକୁ ଆଦେଶ ଦେଲେ ।
ଶଯ୍ୟା ତ୍ୟାଗ କଲେ ମୋ ଯୋଷିତ ।
ଯାନେ ଉଦ୍ୟାନକୁ ନେଇ ଯିବ ତୁରିତ ।
ଜାହ୍ନୁ ନ ରହି ସେ ଗଲେ ହୋଇଲେ ସୂର୍ଯ୍ୟ ଉଦିତ । ୧ ।
ଗାତ୍ରୋତ୍ଥାନ କରି ବେଶ ପ୍ରାତଃ କୃତ୍ୟ ଦେଲେ ସାରି ।
ଗୃହଦତ୍ତଙ୍କର ଶିଶୁ ପୁତ୍ର ।
କାନ୍ଦୁଥାଏ ଦାସୀ ଧରି ତାହାର ହସ୍ତ ।
ସେହି ସ୍ଥାନରେ ସେ କାଳେ ହୋଇଗଲେ ଉପସ୍ଥିତ । ୨ ।
ବସନ୍ତ ସେନା କାରଣ ପଚାରିବାରୁ ତକ୍ଷଣ
ଦାସୀ ଭଣେ ପ୍ରତିବେଶୀ ପୁତ୍ର ।
ସୁବର୍ଣ୍ଣ ଶକଟେ ଖେଳୁଥାଏ ସେ ନିତ୍ୟ ।
ଦେଖି ମାଗଇ ମୋତେ ଦିଅ ଶକଟ ସ୍ୱର୍ଣ୍ଣନିର୍ମିତ । ୩ ।

Digitized by srujanika@gmail.com

ମାତ୍ର ଶଗଡ଼ରେ ଖେଳ ବୁଝାଇଲ ବନ୍ଧୁ ବେଳ ।
ନ ବୁଝି କାନ୍ଦୁଛ ଯାଗ ଶଢ଼ ।
ଶୁଣି ବସନ୍ତ ସେନାଙ୍କ ଦ୍ରବିଲା ଚିତ୍ତ ।
ପୁତ୍ରକୁ କୋଳରେ ଘେନି ଚୁମ୍ବ ଦେଲେ ଶତ ଶତ । ୪ ।
ବୋଇଲେ [ବା] ତୁନି ହୁଅ ଏ ସ୍ୱର୍ଣ୍ଣ ଭଣ୍ଡି ନିଅ ।
ଶକଟ କରାଇଣ ତୁ ନିତ୍ୟ ।
ଖେଳିବୁ ରେ ଧନ ମନ କରି ନା ଦୁଃଖିତ ।
କହେ ଭିକାରୀ ଗ୍ରନ୍ଥିଲା ଦାସୀ ହୋଇ ଇତସ୍ତତଃ । ୫ ।

ଏନ୍ତୁ ସମୟେ ଚାରୁଦତ୍ତ ଚାକର ।
ଯାନ ଦ୍ୱାରଦେଶରେ କଲା ହାଜର । ପଦ ।

ବସନ୍ତ ସେନା ବେଶ ବିନ୍ୟାସରେ ରତ । ଥିବାରୁ ବିଳମ୍ବ, ହେବା ଜାଣି ସେ ଭୃତ୍ୟ । ଆସ୍ତରଣଂ ଛାଡ, ଆସି ଥିବାରୁ ଗାଡ଼ି । ଫେରାଇ ଘେନି ଗଲା, ପ୍ରଥମେ ଥିଲା ହୁଡ଼ି । ଏ କାଳରେ ସକାର, ଭୃତ୍ୟ,- ସେ ସ୍ଥାନେ ଗାଡ଼ି । ଅଟକାଇ ରଖିଲା ସମସ୍ତ ଏକ ଘଡ଼ି । ପଥ ରୁଦ୍ଧ ଗ୍ରାମ ଶକଟେ ଅପାର । ୧ । ଜନୈକ ଗ୍ରାମ୍ୟ ଶକଟ ବାହ୍ନ ଶକଟ । ଲେଉଟି ପଡ଼ିବାର ସେ ଦେଖିଣ ଝଟ । ସାହାଯ୍ୟ କରିବାକୁ-ଗଲା ତାର ପାଶକୁ, ବସନ୍ତ ସେନା ଘରୁ-ଆସି ଦ୍ୱାର ଦେଶକୁ । ଦେଖିଲା ଗାଡ଼ି ଉଭା-ତାକୁ ଘେନି ଯିବାକୁ । ନିଜ ଯାନ ଜ୍ଞାନରେ ଯାଇ ତା ଭିତରକୁ । ବସିଗଲା ସେ ହର୍ଷ କରି ଅନ୍ତର । ୨ । ସ୍ଥାବରକ ଅତି ଶୀଘ୍ର ଫେରି ଆସିଲା । ଏ ସବୁ ନ ଜାଣି ଯାନ ଘେନି ଚାଲିଲା । ଯେ ଗୋପାଳ ଦାରକ, କାରାଗାରେ ଅଟକ । ସେଦିନ ସାହାଯ୍ୟ ସେ ପାଇ ନିଜ ସଙ୍ଗୀଙ୍କ । ଲୌହ ଶଳାକା ଭାଙ୍ଗି, ପଳାଏ ଲଭି ଦକ । ଖୋଜୁଛନ୍ତି ତାକୁ, ଥିଲେ ଯେତେ ରକ୍ଷକ । ଜୀବନେ ସଂଶୟ ହେଲା ଆର୍ଯ୍ୟ କର । ୩ । ବସନ୍ତ ସେନାଙ୍କ ଆରୋହଣ ଉଦ୍ଦେଶେ ।

Digitized by srujanika@gmail.com

ଗାଢ଼ ଲଦ୍ଧନ୍ତି ଗୃରୁଦତ୍ତ ଦ୍ୱାରଦେଶେ । ପଛବାଟେ ତହିଁରେ, ବସି-
ଗଲା ସତ୍ୱରେ । ଲୌହ ଶୃଙ୍ଖଳ ଭଗ୍ନ, ଶବ୍ଦ ଶୁଣି କର୍ଣ୍ଣରେ । ସ୍ୱନ୍ଦଶ୍ୱ
ଅଲଙ୍କାର, ଶବ୍ଦ ଭୃତ୍ୟ ବଗୃବେ । ଶକଟ ଚଳାଇଣ, ମିଳଲା ନଦ୍ୟା-
ନରେ । ଗୃରୁଦତ୍ତଙ୍କୁ ଦେଖି ଗୋପ ସତ୍ୱର । ୪ । ବନ୍ଧାକ୍ରାନ୍ତ ହୋଇଣ
ମାଗନ୍ତେ ଶରଣ । ଅଭୟ ପ୍ରକାଶି ଗୃରୁଦତ୍ତ ବ୍ରାହ୍ମଣ । ଅର୍ଘ୍ୟକ ପଦ
ଲଗ୍ନ, ଶୃଙ୍ଖଳ ସବୁ ଭଗ୍ନ । କରି ଯାନେ ବୋଇ ହୃଗ୍ରନ୍ଥିକୁ ବନ୍ଧନ ।
ପଠାଇ ଦେଲେ ଭୃତ୍ୟ-ଜନ। ନ ଜାଣେ ଆନ । କାଳେ ମଧ ଗ୍ରନ୍ଥିକୁ-
ଗଲେ ଗୁଢ଼ ଉଦ୍ୟାନ । ପର ଉପକାରୀ ବିବେକୀ ଶେଖର । ୫ ।
ସଂବାହକ ନାମରେ ଏକ ଲୋକ ଭୃତ୍ୟ । ଏଥି ପୂର୍ବେ ରଖିଥିଲେ ସେ
ଗୃରୁଦତ୍ତ । ଦ୍ୟୂତକ୍ରୀଡ଼ାରେ ସେହ, ସବୁ ଧନ ହରାଇ । ଦନେ ଦୁଇ
ଯୁଆରୀ,ମଧ୍ୟେ ତାଡ଼ିତ ହୋଇ । ବସନ୍ତ ସେନା ଗୃହେ, ଆଶ୍ରୟ ଥିଲା
ନେଇ । ନିଯୁକ୍ତ ଭୂତପୂର୍ବ, ବିଶ୍ୱସ୍ତ ଭୃତ୍ୟ ଏହ । ଜାଣି ପାରିଲେ ସେ
ସ୍ୱନ୍ଦଶ୍ୱ ସତ୍ୱର । ୬ । ଅଭିଳଷିତ ଅର୍ଥ ତା ହସ୍ତରେ ଦେଲେ । ଯୁଆ-
ଖେଳ ଭଲ ନୁହେ ବୋଲି କହିଲେ । ସେ ପ୍ରତାରିପମାନ, ବାଧିଲା
ଅକଥନ । ସେ ଦନ ଦ୍ୟୂତକର, ଭବ ତେଜ ବନ୍ଧନ । ବୌଦ୍ଧ
ସନ୍ନ୍ୟାସୀ ହୋଇ, ଚିନ୍ତିଲେ କଳ୍ପହୀନ । ଦୁଦ ମଧ୍ୟରେ ଜାତ, ହୋଇଲା
ମହାଜ୍ଞାନ । କହେ ଲକାର ନାମ ଜପି ମୁଖରେ । ୭ ।

—:():—

ପର୍ଥିସ୍ୱର ।

ଶୁଣ ନରେ, ଏଥିଁ ତାରେ, ସ୍ଥାବରକ ଖବରେ ।
ଗାଢ଼ିନେଇ ଉପସ୍ଥିତ ଉଦ୍ୟାନରେ । ପଦ ।

ରାଜଶାଳକ ସେଠାରେ, ଥିଲା ଭ୍ରମଣ ଅଟାରେ । ବେଳ ନେଇବରେ ।
ବସନ୍ତ ସେନାକୁ ଦେଖି, ମନେ ହେଲା ମହାସୁଖୀ । ଏ ଗୃରୁ ମୁର୍ଖୀ ।
ଧନ ଲୋଭେ ଅଜ । ଆସି ହେଲା ରାଜ । ଏପରି ଚିନ୍ତାକର ମନରେ । ୧
କାମାନ୍ଧ ହୋଇ ସକାର, ଧରିବାକୁ ବାଳା କର । ବଢ଼ାନ୍ତେ କର ।

Digitized by srujanika@gmail.com

ସେତେବେଳେ ସେ ସୁନ୍ଦରୀ । ନିଜ ଭ୍ରମ ବୁଝିପାରି । ବିଧାତା ସ୍ମରି । ବୋଇଲା ନ ଛୁଅଁ । ଅଟେ ମହାଶୟ, ପ୍ରହାର କଣାଏଁ ଗ୍ରୀଷ୍ମରେ ।୨। ଏଥିରେ ସେ ଦୁର୍ମନୁଷ୍ୟ । କ୍ରୋଧ କରଣ ବିଶେଷ । ଭୃତ୍ୟ ଆଦେଶ । ଦେଲା ଶୀଘ୍ର ଯାକୁ ମାରି. ନିର୍ଦ୍ଦେ ଦୟା କରିବାରି । ସେ ଭୃତ୍ୟବର । ବୋଲେ ହେ ଗୋସାଇଁ, ଭଲ ଏ ନୁହଇ, ସ୍ତ୍ରୀବଧ କେ କରେ ଏ କର୍ମରେ । ୩ । ଭୃତ୍ୟ ବାକ୍ୟ କର୍ଣ୍ଣପାତ, ନ କରି ସେ ସଣୀଭୂତ । ଉଠାଇ ହସ୍ତ । ବସନ୍ତ ସେନାଙ୍କୁ ଅନ୍ତ । ପ୍ରହାର କଲା ଦୁର୍ମତି । ନବ-ଯୁବତି । ରଖିଲା ନ ମାରି । ଯୋଡ଼ି ଅଞ୍ଜଳି କରି । ନିର୍ଦ୍ଦୟ ନ ଶୁଣିଲା କର୍ଣ୍ଣରେ । ୪ । ମୁମୂର୍ଷୁ ଅବସ୍ଥା ଦେଖି । ହେଲା ଅତିଶୟ ସୁଖୀ । ଯେ ପଦ ଶୁଣି, ତଳେ ଝଡ଼ ପଡ଼ିଥିଲା । ବାଳା ଦେହେଁ ଦେଢାଇଲା ପଳାଇ ଗଲା । ଭୃତ୍ୟକୁ ଆବଦ୍ଧେ । ରଖିଲା ଅବନ୍ଧେ । କହେ ଭିକାରି ଭୟ ମନରେ । ୫ ।

ଏଣିକି ଶୁଣ ସ୍ଥିର ମନେ ହେ । ବିଜ୍ଞଜନେ ।
ଅନ୍ଧା କି କଷ୍ଟ ଲଭିଲା ନାଟପରିଧାନୀ ବନେ । ପଦ ।
ସେ ଯେଉଁ ବୌଦ୍ଧ ଭିକ୍ଷୁକ ନାମ ଯାର ସମ୍ବାହକ ।
ମିଳି ଗଜଶାଳକ ଉଦ୍ୟାନେ ।
ତହିଁ ଥିବା ପୁଷ୍କରିଣୀ ନିର୍ମଳ ସ୍ଥାନେ ।
ସ୍ନାନାଦି ଶେଷ କରଣ କୂଳକୁ ଆସି ସୁମନେ । ୧ ।
ଦେଖି ଶୁଷ୍କ ପତ୍ର ରାଶି ଆର୍ଦ୍ରକଷାୟୀନ ଖଣ୍ଡ
ଶୁଖାଇଲେ ତାପରେ ଯତନେ ।
ଜଳବିନ୍ଦୁ ବିନ୍ଦୁ ତହୁଁ ଝରି ସଘନେ ।
ପତିତ ହୋଇଲା ଯାଇ ବସନ୍ତ ସେନା ବଦନେ ।୨।
ସଂଜ୍ଞା ଲାଭ କରି କରି ସଞ୍ଚାଳନ୍ତେ ନାସାବର ।
ଦେଖିଣ ସନ୍ନ୍ୟାସୀ ତା ନୟନେ ।

Digitized by srujanika@gmail.com

ସଂପୂର୍ଣ୍ଣ ଚେତନା କରି ସେ ଜଳଦାନେ ।
ପଦ୍ମଚକ୍ଷୁ ଦେଲେ ପାଇଥିଲେ ସାହାଯ୍ୟ ଯେତନେ ।୩।
ନଗରର ଜନକଣ୍ଠ,   ବର୍ଣ୍ଣିଥିଲା ଏକ ମତ ।
ବସନ୍ତ ସେନାଙ୍କୁ ସେହି ସ୍ଥାନେ ।
ରଖାଇଲେ ନେଇ ତାଙ୍କ ତତ୍ତ୍ୱାବଧାନେ ।
କହଇ ଭିକାରି ଦାସ ବିଧାତା ବିଧି ଏମନେ ।୪।

।୦।

ପରଦିନ ପ୍ରାତଃକାଳରୁ ସକାଳ ।
ଜଣାଇଲା ରାଜାଙ୍କୁ ଦେଖା ଅକାଳ । ପଦ ।
ବସନ୍ତ ସେନା ବେଶ୍ୟାକୁ ମୋ ଉଦ୍ୟାନରେ ।
ମାରିଛି କେ ଲୋକ ଅଳଙ୍କାର ଲୋଭରେ ।
ଶୁଣି ସେ ନରନାଥ   ଦୂତ ପେଷି ତୁରିତ ।
ବସନ୍ତ ସେନା ମାଙ୍କୁ   କରାଇ ଉପସ୍ଥିତ ।
କନ୍ୟା ସମ୍ବନ୍ଧ ପ୍ରଶ୍ନ   କରନ୍ତେ ବୃଦ୍ଧ ମତ ।
ସେ ବୋଲେ ଚାରୁଦତ୍ତ   ଗୃହକୁ ଗତ ରାତ୍ର ।
ଯାଇଅଛି ମୋ ମନେ ନାହିଁ ବିକାର । ୧ ।
ପରେ ଧୀର ଚାରୁଦତ୍ତ ଆହୂତ ହୋଇ ।
ପ୍ରକାଶିଲେ ଅଜ୍ଞ ସ୍ୱତ ପ୍ରଭୃତି ସେହି ।
ମୋ ଗୃହରୁ ଗହନ   କଲେ ନାଶ ରତନ ।
ରାଜ ଶାଳକ ତହିଁ   ବୋଲେ ଏ ଦ୍ୱିଜସ୍ଥାନ ।
ଧନ ଲୋଭେ ନେଇଛି   ବସନ୍ତର ଜୀବନ ।
ଶ୍ରବଣେ ହତ ବୁଦ୍ଧି,   ହୋଇଲେ ଗୁଣବାନ ।
ମନେ ଦାରିଦ୍ର୍ୟକୁ କରଣ ଧିକ୍କାର । ୨ ।
ବିଚାରକ ବିଚାରେ ସେ ହେବାରୁ ଦୋଷୀ ।
ପ୍ରାଣଦଣ୍ଡ ଆଜ୍ଞା ପ୍ରଦାନ କଲେ ବହି ।

Digitized by srujanika@gmail.com

ବସନ୍ତ ସେନା ଦତ୍ତ ପୁତ୍ର ଲାଗି ପ୍ରଦତ୍ତ ।
କରି ଥିଲେ ଯେ ସ୍ୱର୍ଣ୍ଣ ଅଳଙ୍କାର ବହୁତ ।
ସେ ଗୁଡିକ ମୈତ୍ରେୟ ହସ୍ତରେ ଚାରୁଦତ୍ତ
ଫେରାଇ ଦେଇ ଥିଲେ ହୋଇ ବଡ଼ ଦୁଃଖିତ
ମିତ୍ର ଧରିଥିଲେ ସେହି ଅଳଙ୍କାର । ୩ ।

ବସନ୍ତ ସେନାଙ୍କୁ ଗୃହେ ଦେଖି ନ ପାରି ।
ମିତ୍ର କଥା ଶୁଣି ଶୀଘ୍ର ଗଲେ ବାହାରି ।
ଅଧିକରଣେ ହେଲେ ସଂସ୍ଥାନ କରି ଭୁଲେ ।
ଅମନୁଷ୍ୟ ତୁ ବୋଲି କଳହ ଆରମ୍ଭିଲେ
ଅଳଙ୍କାର ଭାଣ୍ଡଟି କକ୍ଷେ ଯା ଧରି ଥିଲେ
ଅସାବଧାନେ ତାହା ପଡ଼ିଗଲା ଭୂତଳେ
ଦେଖି ସଂସ୍ଥାନକ ବୋଲେ ରେ ପାମର । ୪ ।

ଏ ଅଳଙ୍କାର ଲୋଭେ ତୋ ମିତ୍ର ବସନ୍ତ ।
ସେନାକୁ ମାରି ଦେଇଛ ତୋତେ ତ ସମସ୍ତ ।
ବିଚାରକ ସୁସ୍ଥିର କଲେ ଦୋଷୀ ନାଗର ।
ପ୍ରାଣ ଦଣ୍ଡାଜ୍ଞା ବାକ୍ୟ ମଧ୍ୟେ ହେଲା ପ୍ରଚାର ।
ଅଚଣ୍ଡାଳଙ୍କ ନେତ୍ର ସ୍ରବିଲା ନୀର ଧାର
ସମସ୍ତଙ୍କର ଥିଲେ, ଦତ୍ତ ପ୍ରିୟ ପାତ୍ର ।
କରି ନ ଥିଲେ ସେ କାହାକୁ ତୁକାର । ୫ ।

ସ୍ଥାବରକଙ୍କୁ ନିଗଡ ବନ୍ଧେ ସକାର ।
ଦେଖି ଥିଲା ଦ୍ୱିତଳ ପ୍ରାସାଦ ଉପର ।
ଚାରୁଦତ୍ତଙ୍କ ପ୍ରାଣ, ଦଣ୍ଡ ସମ୍ବାଦ ମାନ ।
ଶୁଣି ପ୍ରାସାଦରୁ ସେ, ଡେଇଁ ପଡ଼ି ବନ୍ଧନ ।
କରିଦେଲା ପ୍ରକୃତ ରହସ୍ୟ ଉଦ୍ଘାଟନ ।

Digitized by srujanika@gmail.com

ତାଙ୍କଥାକୁ ବିଶ୍ୱାସ   ନ କରିଲେ ରାଜନ ।
କହେ ଭିକାରି ଅବିଶ୍ୱାସୀ ଶୂକର । ୭ ।

ଦେଲେ ସର୍ବ ଶେଷେ ଘୋଷଣା । ଶିର ହଣା ।
ହାହାକାର ଶବ୍ଦ ପୂର୍ଣ୍ଣ ହୋଇଲା ପୁର ଅଗଣା । ପଦ ।
ଗୁରୁଦତ୍ତଙ୍କ ଯୁବତୀ   ପତି ପ୍ରାଣା ଧର୍ମସତୀ ।
ଶୁଣି ଏ ସମ୍ବାଦ ସୁଲକ୍ଷଣା ।
ଚିତା ଆରୋହଣ କରିବାକୁ ପ୍ରବୀଣା ।
ସୀତାପରି ଏ ହୃଦ୍ୟତା ହୋଇଛନ୍ତି ବିଚକ୍ଷଣା । ୧ ।
ବସନ୍ତ ସେନାଙ୍କ ଶ୍ରୁତି   ଗୋଚର ହେଲା ଏ ଉକ୍ତି ।
ବିଳମ୍ବ ନ କରି ସୁଲୋଚନା ।
ବୌଦ୍ଧ ସନ୍ନ୍ୟାସୀଙ୍କ ସଙ୍ଗତରେ ଘଟଣା ।
ସ୍ଥଳେ ଉପସ୍ଥିତ ହେଲେ ଦେଖିଦେଲେ ଅଶ୍ରୁ କଣା । ୨ ।
ସକାର ଯହୁଁ ଦେଖିଲା   ପଳାଇବା ଚେଷ୍ଟା କଲା ।
ଜନସଙ୍ଘ କରି କଟକଣା ।
ରଖିଲା ତାକୁ ନୃପତି ହୋଇଲା ହଣା ।
ଗୋପାଳ ଦାରକ ରାଜା ହୋଇ କଲେ ବୁଝାମଣା । ୩ ।
ବିପଦ ବନ୍ଧୁ ଶରଣ୍ୟ   ଗୁରୁଦତ୍ତଙ୍କୁ ରାଜନ ।
ରାଜ୍ୟର ଏକାଂଶେ କଲେ ରାଣା ।
ସକାର ବନ୍ଧ ରହିଲା ନ ହୋଇ ହଣା ।
କହଇ ଭିକାରି ଦାସ ନାଟକ ଅତି ପୁରୁଣା । ୪ ।

ବିକ୍ରମ ଉର୍ବଶୀ ନାଟକ ।
ରାଜାଙ୍କ ପ୍ରତି ଉର୍ବଶୀ ।
ନରେଶ ପୁରୁକୁଳମଣି ଉପକାରୀ ନୃପବର ।
ତବ ସୁଯଶ ପତାକା ଉଡୁଅଛି ଫରହର । ପଦ ।

Digitized by srujanika@gmail.com

କଲ ଯେଉଁ ଉପକାର । ସୁର ନରେ ଅଗୋଚର ।
ଗୁଣିତିଳକ ହେ ଶୁଣି ନ ହେବ ଶୁଣି କେ ଧୀର ।
ଅକାଶେ ତପନ ଶଶୀ । ତୁମ୍ଭେ ଥିବେ କର ସାକ୍ଷି ।
ଯେତେଦିନ ଚନ୍ଦ୍ର ଯଶସ୍ୱୀ ଯଶ ଥିବ ବରାବର । ୨ ।
ଅଭ୍ରୁ ପଦ ପଙ୍କଜ । ଗହିଲ ଶରଣ ସହଜେ ।
ଅବଳା ମାନ ମୁଁ ଦେଇ ପାରୁ କି ଉପହାର । ୩ ।
ସକଳ ଅପ୍ରାଧ ମୋର । କ୍ଷମ ଶରଣ ସୋଦର ।
ଜଣାଉଛି ଯୋଡ଼ିକର ମୁଁ ଭିକାରୀ ଦାସ ଗୁର । ୪ ।

ଉର୍ବଶୀ ପ୍ରତି ରାଜା ।

ରସକଲା ରେ । ବସ ଆସି ମୋର ଉରେ ଅରପିଲି ଗଳା । ପଦ ।
ସେବି ଥିବ ମୁଁ ଗ୍ରୀମୁରେ ନିତ ଛଦେବି ଯାହା ମାଗିବୁ ସୁମତି ।
ଦ୍ରବୀଭୂତ କରେ ତୋର ମୂର୍ତ୍ତି ।
ହେବି ଅନୁଗତ ସଦା କଳା ସ୍ୱକୁନ୍ତଳା । ୧ ।
ମାର ମାରୁଅଛି ଶର ଯେତେ ଦର ବରଜା କହିବ କେତେ
ହର ମୋହନା ତୁମ୍ଭ ଜଗତେ ।
ହର ମନରୁ ମୋହର ତା ବିଷମ ଜ୍ୱାଳା । ୨ ।
ଛାଡ଼ି ଯିବ ଏ ପାରିବ ନାହିଁ ଶାଢ଼ୀ ପର ଜଡ଼ ଥିବ ସହି ।
ମୋଡ଼ି ନ ଦେ ବଦନ ସୁମୁଖି ।
ଛାଡ଼ି ପଡ଼ିଲେ ମୁଁ ଯୋଡ଼ି ଦେବି ମୋତି ମାଳା । ୩ ।
ହୁତ ନାହିଁ କେ ତୋ ବିନୁ ମୋର ମିତ ଶପଥ କରେ ହେବାର ।
ରଥ ସହ ସେକାଳେ ସେଠାର ।
ଚନ୍ଦ୍ରରଥ ମିଳେ କବି ରତନ କହିଲା । ୪ ।

Digitized by srujanika@gmail.com

ରାଜାଙ୍କୁ ଚନ୍ଦ୍ରରଥ ।

ନବ ଯଶସ୍ୱିବର ବଙ୍କ ମର୍ଯ୍ୟାଦାର ରଣ ନିପୁଣ ବିକ୍ରମ ନାମସାର ।
କେଶରୀ ନାଶି ଅତି ଲଭିଛ ସୁଖ୍ୟାତି ବତିଶ ଲକ୍ଷଣେ ପୂର୍ଣ୍ଣ କଳେବର
ପଦ । ସୁର ପୁରର ତବ ସୁଯଶ ବିଭବ ପୂର୍ଣ୍ଣ ହୋଇଲାଣି ହେ ନର
ଶେଖର । ବୃଦ୍ଧ ପିତା ବୃଦ୍ଧ ବୃଦ୍ଧଶ୍ରବା ମଧ୍ୟ ଗାଉଛନ୍ତି କୀର୍ତ୍ତି ଗୀତ
ବରବର । ୧ । ସୁର ପୁର ଶିରୀ ସମ୍ପଦ ସୁନ୍ଦରୀ ଦୂର ରହିଅଛି
କେତେ ଚମତ୍କାର । ନାହିଁ ସମତୁଲ ମୋ ସଙ୍ଗରେ ଗଲ ଦେଖି
ଆଖି ତୃପ୍ତି ହେବ ନରବର । ୨ ।

ଚନ୍ଦ୍ରରଥ ପ୍ରତି ରାଜା ।

ବଡ଼ୋଜାଙ୍କ ମୋହନ ପ୍ରୀତି ଯାତ ଅପାର ଜଣାଇବ ହେ ଦେବ
ଦୂତ ଯୋଡ଼ୁଛି କର । ରମ୍ଭା ଉର୍ବଶୀ ମେନା ତ୍ରିଭୁବନମୋହନା ଚଳନ୍ତୁ
ନିଜଧାମ ଅପ୍ରାଧ କ୍ଷମି ମୋର । ୩ ।

ଉର୍ବଶୀପ୍ରତି ଲକ୍ଷ କରି ରାଜା

ମନର ଭାବନା ଭାସି ଗଲା ସିନା ଅଦିଥିଲା ଯହ ଏ ସୁନ୍ଦରୀ କର ।
କରନ୍ତୁ ସମର ମାର ସଙ୍ଗତର ତନୁକୁ ଭାଙ୍ଗିଲା ମନ୍ଦ କର୍ମ ଗୁର । ୪ ।
ଜାଣି ଅପସରୀ ଉର୍ବଶୀ ସୁନ୍ଦରୀ ନୃପ କର ଧର ଗ୍ରହିଲେ ହେ ବୀର ।
ନରେନ୍ଦ୍ର ଦର୍ଶନ ଅନ୍ତରେ ମିଳନ ହୋଇବ କହିଲା ଉଙ୍କାରି
ହୃଦର । ୫ ।

—:୦:—

ସ୍ୱର ବଳାଧିକା ସୁକେଶୀ ସେ । ଉରୁବଣି ।
ଉରୁରେ ନ ବସିବାରୁ ମନ ଦିଏ ଗର ଭୂଷି । ପଦ ।
ଅମଳ ପୂର୍ଣ୍ଣ ସୁଧାଂଶୁ କର କଷ୍ଟ ଦିଏ ବର୍ଷୁ ।
ଶତ ଶତ ଗୁଣେ ହୋଇ ବେଶି ।
କିବା ସେ ମଦନ ଚକ୍ର ଉଠେ ଝଲସି ।
ମନ୍ଦ ମଳୟ ମରୁତ କାଳ ହୋଇଲାଣି ଅସି । ୧ ।

Digitized by srujanika@gmail.com

କର କର ଉପକାର ନ କର ପର ବିକାର ।
ତର ଧଅ ମୋର ଭାଷା ପେଷି ।
ବର ବରନା ହୋଇବ ଯଥା ପ୍ରେୟସୀ ।
କରକ ଦଶନା ଵନା ନଷ୍ଟେ ଲଗାଇବ ଫାଶୀ । ୨ ।
ଅଧରେ ଜବା ଅଧର ଲଳିତ ବାଣୀ ମଧୁର
ଗୁଲ ଗଲ୍ ହେଲ କବା ଦୋଷୀ ।
ମଲ ଏବେ ଦୟା ନ କଲେ ମନ୍ଦ ହାସୀ ।
କଲ୍ପନା କାଞ୍ଚୀ ଦେଉଛି ଭଲ ତୋର ଶୋଭା ରାଶି । ୩ ।
ସର୍ବ ସ୍ଵଜବୋଟେ ମୋର ନାହିଁ ଇଚ୍ଛା ସତ୍ୟ ଗୀର ।
ନେଉ ପଛେ ସବୁ ରସ ଅସି ।
ରକ୍ଷା କର କୁଟୀଳାକ୍ଷା ଦୋଷାଦ୍ଧ ନାଶି ।
କହେ ଭିକାରୀ ଚରଣ କଷ୍ଟ ହେଉଅଛି ବେଶି । ୪ ।

ଭରସା କାବ୍ୟ

ଶ୍ଳୋକ

ଶ୍ରେୟଂ କୁରୁଣା ମଧ୍ୟପସ୍ୟ ପାଳନ,
ପ୍ରଜା ସୁବୃତ୍ତି ଧର୍ମ ଯୁକ୍ତ ବେଦସେ ।
ସବର୍ଣ୍ଣ ଲିଙ୍ଗ ସମିତା ସମାଯଯୌ,
ଯୁଦ୍ଧିଷ୍ଠିରଦ୍ୱୈତବନେ ବନେଚରଃ ॥

ଗୀତ ।

କବିକୃତ ଭରସା କାବ୍ୟ ଦେ । ଶୁଣ ଭବ୍ୟ ।
ଦେବତଳ ଭୁବ ମଧ୍ୟ ଯାହା ମନ୍ଦନା ଦୁର୍ଲ୍ଲଭ । ପଦ ।
ପ୍ରଜା ମଙ୍ଗଳାଭିଳାଷୀ ଧର୍ମ ଶାସ୍ତ୍ର ତାର ଦର୍ଶୀ ।
ସମାନ ଦେଖନ୍ତି ସର୍ବ ଜୀବ ।

Digitized by srujanika@gmail.com

ଦ୍ୱୈତବନେ ଅଛନ୍ତି ଯୁଧିଷ୍ଠିର ଦେବ ।
ଚରତ ମିଳି ଜଣାଏଁ ପାଦରେ କରି ପ୍ରଣାମ । ୧ ।
ମୁଁ ଯାହା ଦେଖିଲି ନେତ୍ରେ   ଦୁର୍ଯ୍ୟୋଧନ ରାଜ୍ୟ ଗୁପ୍ତେ ।
ରାଜନୀତି ପୂର୍ଣ୍ଣ ଅଛି ସର୍ବ ।
ସ୍ପର୍ଶ କରନାହିଁ ରାଜା ହୃଦକୁ ଗର୍ବ ।
ପ୍ରଜା ମାନଙ୍କର ରହି ନାହିଁ କିଛିହିଁ ଅଭାବ । ୨ ।
ସମସ୍ତଙ୍କୁ ବଶୀଭୂତ   କରିଛନ୍ତି ନରନାଥ ।
ଦ୍ରୋଣ କର୍ଣ୍ଣାଦି ସର୍ବେ ବାନ୍ଧବ ।
ଆଉ ମଧ୍ୟ ଭଣ୍ଡାରରେ ପୂର୍ଣ୍ଣ ବିଭବ ।
ଶକୁନି ମାତୁଳ ଶିକ୍ଷା ଦିଏ ନୀତି ନବ ନବ । ୩ ।
ବନଚରର ଏ ବାଣୀ   ଶୁଣି ଯୁଧିଷ୍ଠିର ଗୁଣି ।
ଭାବିଲେ କେ ତାହାକୁ ଜିଣିବ ।
ଯୁଦ୍ଧକଲେ ଦାଣ୍ଡେ ଅପଖ୍ୟାତି ମିଳିବ ।
ଇଚ୍ଛାମୃତ୍ୟୁ ଭୀଷ୍ମ ଥିଲେ ତାର ସଦା ଜୟ ହେବ । ୪ ।
ଭୂରିଶ୍ରବା ଜୟଦ୍ରଥ   ବୀର ମଧ୍ୟରେ ପ୍ରଶସ୍ତ ।
ଆମ୍ଭର ପକ୍ଷ ଆଜ କେ ହେବ ।
ଅପମାନ ସହିବାକୁ କଲା ଦଇବ ।
କିନ୍ତୁ ଭିକାରୀ ଦୀପ ହୃଦ ଅଗ୍ନି ନ ଲିଭିବ । ୫ ।

ଦ୍ରୌପଦୀ ଯୁଧିଷ୍ଠିର ପ୍ରତି ।

ପ୍ରାଣ ନାଥ ହେ । ଶାଣପଣ ଅକାରଣ ବୁଝିଲି ଯଥାର୍ଥ । ପଦ ।
ଏହିପରି କି ପୁରୁଷ କାର   ବହିଅଛ କମ୍ପା ଧନୁଶର ।
ସହି ପାରେ କି ହୃଦ କାହାର ।
ମଞ୍ଚ ମଧ୍ୟେ ଏତେ ଅପମାନ ନିତ୍ୟ ନିତ୍ୟ ।୧।

Digitized by srujanika@gmail.com

ଆଜ କାପୁରୁଷ ପର ବାଣୀ   ଦେଖି ନ ଥିଲ ପାରଦ ଶୁଣି
ଘୁଞ୍ଚି ପେଟରୁ ନେଲା କେ ଠାଣି ।
ଆଜୀବନ ମୋ ନୟନ ହେଲା ଜଳ ଯୁକ୍ତ । ୨ ।
ବସି ଭୂଷଣର ଉପକର   ଆଇନ ହେବ ଅଭ କାହାର ।
ବାସବାଧ ଦେବେ ଯିବେ ଦ୍ୱାର ।
ଯଶ ଖଣ୍ଡି ପଣରେ ବନ୍ଧିଛି ଏମନ୍ତ । ୩ ।
କୁରୁବଳ ସାଗରକୁ ଡ଼ର   ଭୂରୁ କି ନେବ ହେଲେ କାତର ।
ଗୁରୁ ତୁମ୍ଭ ପଖ ଦ୍ରୋଣ ବୀର ।
ବୀରୁ ଧାରତର ଗୁରୁ ସୋଦର ପ୍ରଶସ୍ତ । ୪ ।
ନରୁସ୍ଥାନ ନୃନ୍ଦନ ପୁରୁଷ   କରୁଁ କର୍ମ ଲଭ ହୁଏ ଯଶ ।
ଗର୍ବ ନାହିଁ ଦିଛ ଅଟେ ଛଣ ।
କହେ ଭିକାରୀ ଦୁର୍ଜନୁ ଜୀଯୁ ଯଉ୍, ବୃତ୍ତ । ୫ ।

ସମାପ୍ତ ।

କଟକ, ଅରୁଣୋଦୟ ପ୍ରେସରେ ଶ୍ରୀ ନିତ୍ୟାନନ୍ଦ ସାହୁଙ୍କ ଦ୍ୱାରା ମୁଦ୍ରିତ

Digitized by srujanika@gmail.com

ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ କଟକ ଅରୁଣୋଦୟ ପ୍ରେସରେ ବିକ୍ରୟାର୍ଥ ଗଚ୍ଛିତ ଅଛି ଗ୍ରାହକଗଣ ତଲ୍ବ କଲେ ପାଇପାରିବେ ।

ତ୍ରିପୁରମୋହନ ହରଣ ଗୀତନାଟ୍ୟ (ଟେବି)	ଟ ୦ ।
ଶ୍ରୀନାଥ ମେଳା ଭଜନ (ଟେବି)	ଟ ୦ /
ଅମରବତୀଲାସ ଗୀତାଭିନୟ (ଧରଣୀଧର)	ଟ ୦ ୷
ବାଣବଧ ଗୀତନାଟ୍ୟ	ଟ ୦ ୶୨
ଲାବଣ୍ୟବତୀ ଗୀତାଭିନୟ	ଟ ୦ ।
ବେଣୀବନ୍ଧନ	ଟ ୦ /୨
ପ୍ରହ୍ଲାଦନାଟକ	ଟ ୦ ୳
ମାର୍ଗଶିର ମାହାତ୍ମ୍ୟ	ଟ ୦ ।
ପୌଷମାହାତ୍ମ୍ୟ	ଟ ୦ ।
ଷୋଳଚଉପଦୀ ବା ବୃହତଚଉପଦୀ	ଟ ୦ ୶
ଚଉଷଠି ପଟଳ	ଟ ୦ ।/
ନୂତନ ସଙ୍ଗୀତସ୍ୱରସାର ସଙ୍ଗ୍ରହ	ଟ ୦ ୷
ସ୍ୱପ୍ନୈକ୍ୟିକି	ଟ ୦ /୨
ରସସମୁଦ୍ର	ଟ ୦ ୳
ଜାତକଚନ୍ଦ୍ରିକା	ଟ ୦ ।
ହଂସହଂସୁଲି କଳି	ଟ ୦ /୬
ଯାଜ୍ଞବଲ୍କ୍ୟସଂହିତା	ଟ ୦ ୴
ଲକ୍ଷଣା ସୁନ୍ଦରୀ (ଚନ୍ଦ୍ରବଦନୀ)	ଟ ୦ ୳
ଅନନ୍ତବ୍ରତ କଥା ଓ ପୂଜା	ଟ ୦ ୶
ଗାନ୍ଧର୍ବଭୂଷଣ ଚୌପଦୀ	ଟ ୦ ୶
ଦୁର୍ଜନସିଦ୍ଧ ପାଲା	ଟ ୦ ୶
ସଙ୍ଗୀତ ମଙ୍ଗଳାଚରଣ	ଟ ୦ /
ତ୍ରିବିକ୍ରମନବଧ ଗୀତନାଟ୍ୟ	ଟ ୦ ୷
ଚତୁଷ୍ପଥ ବା ଦଶକର୍ମପଦ୍ଧତି	ଟ ୦ ।୶
ଭକ୍ତିପାଦୁକା	ଟ ୦ ।

ପ୍ରିଣ୍ଟର—ଶ୍ରୀ ନିତ୍ୟାନନ୍ଦ ସାହୁ

Digitized by srujanika@gmail.com